ବର୍ଷ-୨୬, ସଂଖ୍ୟା-୧୪୨
ଭୁବନେଶ୍ୱର
୨୬, ମଇ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 142
Bhubaneswar
26 May, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଡୁଆରେ ରଣବୀର



# ପୁରୀରେ ବ୍ରିକ୍ସର ଡିଜାଷ୍ଟର ରିସ୍କ ରିଡକସନ୍ ୱାର୍କିଂ ଗ୍ରୁପର ଦ୍ୱିତୀୟ ବୈଷୟିକ ସମ୍ମିଳନୀ

ଭୁବନେଶ୍ୱର, ୨୫।୫(ମହାଭାରତ): ଗଜୁନ ୩ରେ ପୁରୀରେ ବ୍ରିକ୍ସ ରାଷ୍ଟ୍ରସମୂହର ଡିଜାଷ୍ଟର ରିସ୍କ ରିଡକସନ୍ ୱାର୍କିଂ ଗ୍ରୁପର ଦ୍ୱିତୀୟ ବୈଷୟିକ ସମ୍ମିଳନୀ ଅନୁଷ୍ଠିତ ହେବ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ହେବ। ଏହା ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧକ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ। ଏହି ସମ୍ମିଳନୀରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେବେ। ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚାଇନା ଆଦି ଦେଶର ପ୍ରତିନିଧିଗଣ ଏହି ସମ୍ମିଳନୀରେ ଯୋଗ ଦେବେ । ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଛି। ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ ପାଇଁ ଏହି ଦାୟିତ୍ୱ ଦିଆଯାଇଛି। ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀ-ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି। ଏହି ବୈଷୟିକ ସମ୍ମିଳନୀ ମାଧ୍ୟମରେ ଇଜଓଉଝ ଦେଶମାନଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନ-ବିନିମୟ, ନୂତନ ପ୍ରଯୁକ୍ତି ଓ ସମନ୍ୱିତ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହେବ । ଏହି ପରିପ୍ରେକ୍ଷୀରେ ଇଜଓଉଝ ରାଷ୍ଟ୍ରସମୂହଙ୍କୁ ନେଇ ଏପରି ଏକ ବୈଷୟିକ ସମ୍ମିଳନୀ ପୁରୀଠାରେ ଅୟୋଜିତ ହେବା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଫଳତା ଓ ଦକ୍ଷତାକୁ ଅନ୍ତର୍ଜାତୀୟସ୍ତରରେ ପ୍ରଚାରିତ କରିବା ସହ ବିଶ୍ୱସ୍ତରରେ ଓଡ଼ିଶାର ଛବିକୁ ଆହୁରି ସମୃଦ୍ଧ କରିବ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ସାକ୍ଷାତ ଆଲୋଚନା କରୁଛନ୍ତି

# ବିଜେଡିକୁ ବଡ ଝଟ୍‌କା

## ଇସ୍ତଫା ଦେଲେ ସାଂସଦ ଦେବାଶିଷ ସାମନ୍ତରାୟ

ଭୁବନେଶ୍ୱର, ୨୫।୫(ମହାଭାରତ); ଓଡିଶାର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସ୍ୱରୂପ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ସୋମବାର ବିଜୁ ଜନତା ଦଳ (ବିଜେଡି)ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ପତ୍ରରେ ସେ ଅଭିଯୋଗ କରିଛନ୍ତି ଯେ, ଦଳରେ ତାଙ୍କୁ "ଜାଣିଶୁଣି ଅଣଦେଖା' କରାଯାଇଥିଲା ଏବଂ ଏଭଳି ଅନୁଭବ କରାଯାଇଥିଲା ଯେ ଦଳକୁ ଆଉ ତାଙ୍କ ସେବାର ଆବଶ୍ୟକତା ନାହିଁ।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସମ୍ବୋଧିତ କରି ଲେଖିଥିବା ଇସ୍ତଫା ପତ୍ରରେ ସାମନ୍ତରାୟ ତାଙ୍କୁ ରାଜ୍ୟସଭାକୁ ପଠାଇଥିବାରୁ ଏବଂ ଅବିଭକ୍ତ କଟକ ଜିଲ୍ଲାର ଲୋକମାନଙ୍କ ସେବା କରିବା ସହ ଜାତୀୟ ସ୍ତରରେ ଓଡିଶାର ବିଭିନ୍ନ ପ୍ରସଙ୍ଗ ଉଠାଇବାର ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି।



ପତ୍ରରେ ସେ ଲେଖିଛନ୍ତି, "ମୋତେ ରାଜ୍ୟସଭା ପାଇଁ ନାମାଙ୍କିତ କରିଥିବାରୁ ମୁଁ ସର୍ବଦା ଆପଣଙ୍କ ପ୍ରତି ଋଣୀ ରହିବି। ଆପଣ ମୋତେ ଅବିଭକ୍ତ କଟକ ଜିଲ୍ଲାର ଲୋକଙ୍କ ସେବା କରିବା ଏବଂ ଜାତୀୟ ମଞ୍ଚରେ ଓଡିଶାର ସମସ୍ୟା ଉଠାଇବାର ଯେ ସୁଯୋଗ ଦେଇଥିଲେ, ସେଥିପାଇଁ ମୁଁ ଆପଣଙ୍କ ପ୍ରତି ହୃଦୟରୁ ଗଭୀର କୃତଜ୍ଞତା ଜଣାଉଛି।"

ସାମନ୍ତରାୟ କହିଛନ୍ତି ଯେ, ସେ ସବୁବେଳେ ଦଳର ହିତକୁ ସର୍ବୋପରି ରଖିଥିଲେ ଏବଂ ବର୍ଷକାଳ ଧରି ପୂର୍ଣ୍ଣ ନିଷ୍ଠା ଓ ପ୍ରତିବଦ୍ଧତା ସହିତ ସଂଗଠନ ପାଇଁ କାମ କରିଥିଲେ। କିନ୍ତୁ ସମ୍ପ୍ରତି ସମୟରେ ଦଳ ମଧ୍ୟରେ ତାଙ୍କୁ ଲଗାତାର ଅଣଦେଖା ଏବଂ ଅପମାନିତ କରାଯାଉଥିବା ଅନୁଭବ ହୋଇଥିଲା।

ସେ ନିଜ ପତ୍ରରେ ଲେଖିଛନ୍ତି, "ମୁଁ ସର୍ବଦା ଦଳର ହିତରେ କାର୍ଯ୍ୟ କରିଛି ଏବଂ ପୂର୍ଣ୍ଣ ବିଶ୍ୱାସ ଓ ସମର୍ପଣ ସହିତ ସଂଗଠନର ସେବା କରିଛି। କିନ୍ତୁ ସମ୍ପ୍ରତି ମୋତେ ଏଭଳି ଅନୁଭବ ହେଉଛି ଯେ, ଦଳ ମଧ୍ୟରେ ମୋତେ ଜାଣଶୁଣି ଅଣଦେଖା ଏବଂ ଅପମାନ କରାଯାଇଛି ଏବଂ ଦଳକୁ ଆଉ ମୋର ସେବାର ଆବଶ୍ୟକତା ନାହିଁ। ସେହିପରି ଜନହିତକୁ ଦୃଷ୍ଟିରେ ରଖି ମୁଁ ଏହି କଠିନ ସିଦ୍ଧାନ୍ତ ନେଇଛି ଏବଂ ମୋର ଇସ୍ତଫା ଗ୍ରହଣ କରିବାକୁ ଅନୁରୋଧ କରୁଛି।"

ଦେବାଶିଷ ସାମନ୍ତରାୟ ନିଜ ଇସ୍ତଫା ପଛରେ କୌଣସି ବିଶେଷ କାରଣ ଉଲ୍ଲେଖ କରିନାହାନ୍ତି, ତାଙ୍କର ଏହି ପଦକ୍ଷେପ ରାଜ୍ୟର ରାଜନୈତିକ ମହଲରେ ଚର୍ଚ୍ଚାକୁ ତେଜ କରିଦେଇଛି। ରାଜନୈତିକ ବିଶ୍ଳେଷକମାନଙ୍କ ମତରେ, ଦଳ ମଧ୍ୟରେ ମତଭେଦ ଏବଂ ବଢୁଥିବା ଅସନ୍ତୋଷ ଏହି ନିଷ୍ପତିର ସମ୍ଭାବ୍ୟ କାରଣ ହୋଇପାରେ। ବିଜେଡି ଛାଡ଼ିବା ପରେ ଦେବାଶିଷ ସାମନ୍ତରାୟ ଗଣମାଧ୍ୟମରେ ତାଙ୍କ ଇସ୍ତଫା ପଛର କାରଣ ପ୍ରକାଶ କରିଛନ୍ତି । ତାଙ୍କ ଇସ୍ତଫା ପାଇଁ ସେ ପାଣ୍ଡିଆନଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି ପାଣ୍ଡିଆନ ମୋତେ ନବୀନ ବାବୁଙ୍କ ସହ ଦେଖା କରାଇ ଦେଲେନି। ଭିକେ ପାଣ୍ଡିଆନ ନବୀନ ବାବୁଙ୍କ ଲୋକପ୍ରିୟତାକୁ ଜଳାଞ୍ଜଳି ଦେଇଦେଲେ । ନବୀନ ବାବୁଙ୍କୁ ହରେଇବା ଲୋକ ସିଏ, ତଥାପି ସେ ବୁଝି ପାରୁନାହାଁନ୍ତି। ନବୀନଙ୍କ ସହ ଭଲ ସମ୍ପର୍କ, ପାଣ୍ଡିଆନଙ୍କ କଥାରେ ମୋତେ ଦୂରେଇଦେଲେ। ନବୀନ ବାବୁ ସମ୍ପୂର୍ଣ୍ଣ ଭାବେ ପାଣ୍ଡିଆନଙ୍କ କଥାରେ ପରିଚାଳିତ।

ସେହିପରି ବିଜେଡି ଛାଡି ବିଜେପିରେ ମିଶିବା ପ୍ରଶ୍ନ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ନବୀନ ବାବୁ ବିଜେପି ହାତ ଧରି କ୍ୟାରିୟର ଆରମ୍ଭ କରିଥିଲେ। ବାଜପେୟୀ, ଆଡ଼ଭାନୀଙ୍କ ଯୋଗୁଁ ନବୀନ ସାଂସଦ ଓ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ମୁଁ ବିଜେପି ଗଲେ ଅସୁବିଧା କ'ଣ ? ବିଜେପି ରାଷ୍ଟ୍ରୀୟ ସଭାପତି ଯେବେ ନିଷ୍ପତି ନେବେ ବିଜେପିରେ ମିଶିବି। ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଦେବାଶିଷ ସାମନ୍ତରାୟ । ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟି ସେ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପରେ ସାଂସଦ ପଦ ଛାଡ଼ିଛନ୍ତି ଦେବାଶିଷ ।

## ଦଳ ପାଇଁ କିଛି କ୍ଷତି ହେବନି - ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୫।୫(ମହାଭାରତ): ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ତାଙ୍କ ଉପରେ ବର୍ଷିଛନ୍ତି ପ୍ରମିଳା ମଲ୍ଲିକ । ଦଳ ପାଇଁ କିଛି କ୍ଷତି ହେବନି ବୋଲି ସେ କହିଛନ୍ତି । ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବିଜେଡି ସରକାରରୁ ଗଲା ପରେ ସେ ବିଜେପି ସହ ଯୋଗାଯୋଗରେ ଥିଲେ । ତେଣୁ ୱାକଫ୍ ବିଲ୍ ବେଳେ ସେ ସଂସଦରେ ଅନୁପସ୍ଥିତ ରହିଲେ । ବିଜେପି ୱାଶିଂ ମେସିନ୍‌ରେ ପଡ଼ି ସଫା ହେବାକୁ ଯାଇଛନ୍ତି କହି ତାଚ୍ଛଲ୍ୟ କରିଛନ୍ତି ପ୍ରମିଳା ମଲ୍ଲିକ । ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଗୋଟିଏ ଦିନ ବି ସେ ସଂସଦରେ ଓଡ଼ିଶା ଲୋକଙ୍କ ସମସ୍ୟା ଉଠାଇ ନାହାନ୍ତି । ଏଭଳି ଲୋକ ଦଳରୁ ଗଲେ ଦଳ ଆହୁରି ମଜଭୁତ ହେବ ।

## ଦିନ୍ ୧୨ଟାରୁ ୩ଟା ହେବ ନାହିଁ ଏସ୍‌ଆଇଆର୍ କାର୍ଯ୍ୟ

ଭୁବନେଶ୍ୱର, ୨୫।୫(ମହାଭାରତ): ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ତେଣୁ ମଧ୍ୟାହ୍ନ ୧୨ଟାରୁ ଦିନ ୩ଟା ପର୍ଯ୍ୟନ୍ତ ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର୍ କାର୍ଯ୍ୟ ସ୍ଥଗିତ ରହିବ । ପ୍ରବଳ ଖରା ଏବଂ ଗରମକୁ ଦୃଷ୍ଟିରେ ରଖି ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ମିଶ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଅତିରିକ୍ତ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ, ମେୟର ଏବଂ ଇଆରଓମାନଙ୍କୁ ଚିଠି ଲେଖିଛନ୍ତି । ମେ ରୁ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାରେ ଏସ୍‌ଆଇଆର୍ ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁଥିରେ ଘରୁ ଘର ପରିଦର୍ଶନ, ନାମଲେଖା ଶିବିର, ଦାବି ଏବଂ ଅଭିଯୋଗ ଦାଖଲ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ପର୍ଯ୍ୟନ୍ତ ଭୋଟର ସୁବିଧା ସେବା ଭଳି ବ୍ୟାପକ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ରହିଛି । କିନ୍ତୁ ମେ, ଜୁନ୍ ଏବଂ ଜୁଲାଇ ମାସରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ରହିଛି ।

# ଚତୁର୍ଥ ଥର ବଢ଼ିଲା ତେଲ ଦର

ନୂଆଦିଲ୍ଲୀ, ୨୫।୫(ମହାଭାରତ): ଗତ ସପ୍ତାହଠାରୁ ପେଟ୍ରୋଲ ଓ ଡିଜେଲ ଦରରେ ନିୟମିତ ବୃଦ୍ଧି ଘଟୁଛି। ସୋମବାର ତେଲ କମ୍ପାନୀଗୁଡ଼ିକ ଚତୁର୍ଥ ଥର ପାଇଁ ତେଲ ଦର ବାଢ଼ାଇଛନ୍ତି। ପେଟ୍ରୋଲ ଲିଟରେ ପିଛା ୨ ଟଙ୍କା ୬୧ ପଇସା ଓ ଡିଜେଲ ୨ ଟଙ୍କା ୭୧ ପଇସା ବିଛି। ଏହି ଚାରି ଥରରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦ ଟଙ୍କା ପାଖାପାଖି ବୃଦ୍ଧି ପାଇଛି ଓ ଡିଜେଲ ଦର ୧୦୦ ଟଙ୍କାରୁ ଅଧିକ ହୋଇଛି। ସୋମବାରର ଦରବୃଦ୍ଧି ପରେ ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟରେ ପିଛା ୧୦୯ ଟଙ୍କା ୧୬ ପଇସା ଓ ଡିଜେଲ ୧୦୦ ଟଙ୍କା ୮୧ ପଇସାକୁ ବୃଦ୍ଧି ପାଇଛି। ପ୍ରିମିୟମ୍ ପେଟ୍ରୋଲ ଲିଟରେ ୧୧୮ ଟଙ୍କା ୨୭ ପଇସା ରହିଛି। ପୂର୍ବରୁ ଚଳିତ ମାସ ୧୫ରେ ପେଟ୍ରୋଲ ଦର ୩ ଟଙ୍କା ୨୨ ପଇସା ଓ ଡିଜେଲ ୨ ଟଙ୍କା ୧୯ ପଇସା ବଢ଼ିଥିଲା। ମେ ୧୯ରେ ପେଟ୍ରୋଲ ୯୦ ପଇସା ଓ ଡିଜେଲ ୯୬ ପଇସା ବିଥିଲା। ଏହାପରେ ମେ ୨୩ରେ ପେଟ୍ରୋଲ ୮୭ ପଇସା ଓ ଡିଜେଲ ୯୧ ପଇସା ବିଥିଲା। ଏହି ଚାରି ଥରରେ ପେଟ୍ରୋଲ ଲିଟରେ ପିଛା ୭ ଟଙ୍କା ୬୦ ପଇସା ଓ ଡିଜେଲ ୭ ଟଙ୍କା ୭୭ ପଇସା ମହଙ୍ଗା ହୋଇଛି। ପଶ୍ଚିମ ଏସିଆର ଉତ୍ତେଜନାମୂଳକ ସ୍ଥିତି ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ତଳକୁ ଖସି ଯାଇଛି। ଇରାନ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଯୋଗୁ ବିଶ୍ୱ ଅଶୋଧିତ ତୈଳ ଦର କ୍ରମାଗତ ବୃଦ୍ଧି ପାଉଥିଲା। ଏଥିଯୋଗୁ ଭାରତରେ ଉଭୟ ପେଟ୍ରୋଲ ଓ ଡିଜେଲ ଦାମ ୧୧ ଦିନରେ ପ୍ରାୟ ୮ ଟଙ୍କା ବୃଦ୍ଧି ପାଇଛି।ଏବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇଥିବାରୁ ଭାରତୀୟ ଗ୍ରାହକଙ୍କୁ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବ କି ଆଜି ଦିନ ୧୧.୧୫ରେ ବିଶ୍ୱ ଅଶୋଧିତ ତୈଳ ଦାମ ତଳ ମୁହାଁ ହେବା ଆରମ୍ଭ ହୋଇଛି। ଆମେରିକା ଓ ଇରାନ ମଧ୍ୟରେ ସମ୍ଭାବ୍ୟ ଶାନ୍ତି ପ୍ରତିଷ୍ଠା ଖବର ସାମ୍ନାକୁ ଆସିବା ପରେ ମାର୍କେଟ ସ୍ଥିତି ବଦଳିଛି। ଡବ୍ଲୁଟିଆଇ ଅଶୋଧିତ ତୈଳ ଦାମ ଏବେ ବ୍ୟାରେଲ ପିଛା ୯୦.୮୦ ଡଲାର ହୋଇ ଯାଇଛି। ଏହାର ଅର୍ଥ ବ୍ୟାରେଲ ପିଛା ଦାମ ୬% ବା ୫.୮୦ ଡଲାର କମି ଯାଇଛି। ବ୍ରେଣ୍ଟ ଅଶୋଧିତ ତୈଳ ମଧ୍ୟ ୫.୬୪% ହ୍ରାସ ପାଇଁ ବ୍ୟାରେଲ ପିଛା ୯୭.୭୦ ଡଲାରେ ପହଞ୍ଚି ଯାଇଛି। ଅଶୋଧିତ ତୈଳ ଦର ହ୍ରାସ ପାଇଥିଲେ ହେଁ ଭାରତରେ ଉଭୟ ପେଟ୍ରୋଲ ଓ ଡିଜେଲର ଲିଟରେ ପିଛା ଦାମ ୧୧ ଦିନରେ ୮ ଟଙ୍କା ବୃଦ୍ଧି ପାଇଛି। ଏବେ ଅଶୋଧିତ ତୈଳ ବିଶ୍ୱ ବଜାରରେ ହ୍ରାସ ପାଇଥିବାରୁ କ'ଣ ତୈଳ କମ୍ପାନୀଗୁଡ଼ିକ ଭାରତରେ ପେଟ୍ରୋଲ ଓ ଡିଜେଲ ଦାମ କରିବେ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି। ହେଲେ ଏହାର ସିଧା ଉତ୍ତର ହେଉଛି ନା। ଏହାର କାରଣ ହେଲା ଫେବୃଆରୀ ୨୮ରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା କ୍ଷଣି ବିଶ୍ୱ ଅଶୋଧିତ ତୈଳ ବୃଦ୍ଧି ପାଇଥିଲା। ତଥାପି ମେ' ୧୫ ଯାଏ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦରରେ ସଂଶୋଧନ କରି ନଥିଲେ। ଯୁଦ୍ଧର ୭୬ ଦିନ ପରେ ଦର ବିଥିଲା। ସେହିପରି ଏବେ ବି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଦୁର୍ବଳ ରହିଛି। ତେଣୁ ଆମଦାନୀ ବିଲ ଉଚ୍ଚ ରହୁଛି। ଏହାବାଦ ଟିକସ ଓ ୭୬ ଦିନ ଧରି ହୋଇ ନଥିବା ଦର ସଂଶୋଧନ ଯୋଗୁ ତୈଳ କମ୍ପାନୀଗୁଡିକ ଅନେକ କ୍ଷତି ସହିଥିଲେ। ଏବେ ସେମାନେ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ପେଟ୍ରୋଲ ଓ ଡିଜେଲର ଦାମ କମ କରିବାର ସମ୍ଭାବନା ବହୁତ କମ।



# ଓଡିଶାର ବିଶିଷ୍ଟ ଶିକ୍ଷାବିତ ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର

ଭୁବନେଶ୍ୱର, ୨୫।୫(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ବେସାମରିକ ଅଳଙ୍କରଣ ସମାରୋହରେ ୨୦୨୬ ବର୍ଷ ପାଇଁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରତର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଆଜିର ସମାରୋହରେ ଓଡିଶାର ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ? ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ଭାଷାକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି। ସମାରୋହରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୬ ଜଣ ପଦ୍ମ ଭୂଷଣ ଏବଂ ୫୮ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ବିଶିଷ୍ଟ ଅଭିନେତା ତଥା ବଲିଉଡର ହିମ୍ୟାନ୍‌ନାମରେ ପ୍ରସିଦ୍ଧ ଧର୍ମେନ୍ଦ୍ର ସିଂହ ଦେଓଲଙ୍କୁ ମରଣୋତ୍ତର ଭାବେ ପଦ୍ମବିଭୂଷଣ ପ୍ରଦାନ କରାଯାଇଛି। ସେହିପରି କଳା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବେହେଲା ବାଦିକା ତଥା ସଙ୍ଗୀତଜ୍ଞ ଡକ୍ଟର ଏନ.ରାଜମଙ୍କୁ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଛି।

ସେହିପରି ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ କଲ୍ଲିପଟ୍ଟି ରାମାସାମୀ ପଲାନିସ୍ୱାମୀ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କୁ ପଦ୍ମଭୂଷଣଙ୍କୁ ସମ୍ମାନିତ କରାଯାଇଛି। ବିଶିଷ୍ଟ ବ୍ୟାଙ୍କର ଉଦୟ କୋଟକ, ବିଶିଷ୍ଟ କଳାକାର ଶତବଧାନୀ ଡକ୍ଟର ଆର. ଗଣେଶ, ବିଜୟ କୁମାର ମାଲହୋତ୍ରା (ମରଣୋତ୍ତର) ଏବଂ ପୀୟୂଷ ପାଣ୍ଡେ (ମରଣୋତ୍ତର)ଙ୍କୁ ମଧ୍ୟ ପଦ୍ମଭୂଷଣ ପ୍ରଦାନ କରାଯାଇଛି।

ପଦ୍ମଶ୍ରୀ ପାଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହର୍ମନପ୍ରୀତ କୌର, ଅଭିନେତା ପ୍ରସେନଜିତ ଚାଟାର୍ଜୀ, ଅରୁଣାଚଳ ପ୍ରଦେଶର ବିଶିଷ୍ଟ ସାମାଜିକ କର୍ମୀ ଟେଚି ଗୁବିନ୍, ଅରବିନ୍ଦ ବୈଦ୍ୟ, ସାମାଜିକ କର୍ମୀ ନୀଲେଶ ବିନୋଦ ଚନ୍ଦ୍ର ମଣ୍ଡେଲୱାଲା, ପାରା କ୍ରୀଡାବିତ୍ ପ୍ରବୀଣ କୁମାର, ସାହିତ୍ୟିକ ଗମ୍ଭୀର ସିଂ ଯୋଞ୍ଜନ୍ ପ୍ରମୁଖ।

## ଆଇପିଏସ୍ ବଦଳି ଆଦେଶର ସଂଶୋଧନ

# ବଦଳିଲେ ଖୋର୍ଦ୍ଧା ଓ ନୟାଗଡ଼ ଏସପି

ଭୁବନେଶ୍ୱର, ୨୫।୫(ମହାଭାରତ): ରାଜ୍ୟରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଜଣଙ୍କ ପରେ ଜଣେ ଆଇପିଏସ୍ ଅଧିକାରୀଙ୍କ ବଦଳି କରୁଛନ୍ତି । ଆଜି ଗୋଟିଏ ଦିନରେ ତିନି ଜଣ ଆଇପିଏସଙ୍କ ବଦଳି ଏବଂ ନୂତନ ନିଯୁକ୍ତି କରିଛି ରାଜ୍ୟ ଗୃହ ବିଭାଗ । ଗତ ଶନିବାର, ୨୩ ମେ ୨୦୨୫ରେ ଆଇପିଏସ୍ ସ୍ତରରେ ହୋଇଥିବା ଅଦଳବଦଳକୁ ପୁଣି ଥରେ ସଂଶୋଧନ କରାଯାଇଛି । ୨୦୧୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ସିଆଇଡି ଏସପି ଏବଂ ପରମାର ସ୍ମିତ ପୁରୁଷୋତ୍ତମଦାସଙ୍କ ଖୋର୍ଦ୍ଧା ଜିଲ୍ଲାକୁ ବଦଳି ହୋଇଛି । ସେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ପୂର୍ବ ବଦଳି ଆଦେଶରେ ସରକାର ତାଙ୍କୁ ନୟାଗଡ଼ ଏସପି ଭାବେ ନିଯୁକ୍ତି ଦେଇଥିଲେ । ପୂର୍ବରୁ ଆଇପିଏସ୍ ବିବେକାନନ୍ଦ ଶର୍ମା ଖୋର୍ଦ୍ଧା ଏସପି ଦାୟିତ୍ୱ ସମ୍ଭାଳୁଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଭାବେ ନୂତନ ନିଯୁକ୍ତି ପାଇଥିବା ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ମଧ୍ୟ ପୁନଃବଦଳି କରାଯାଇଛି ।



ଆଇପିଏସ୍ ଶୁଭେନ୍ଦୁ କୁମାର ନୟାଗଡ଼ ଏସପି ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ପୂର୍ବରୁ ଆଇଏପିଏସ ଏସ. ସୁଶ୍ରୀ ନୟାଗଡ଼ ଏସପି ଭାବେ କାର୍ଯ୍ୟକରୁଥିଲେ । ଏହା ପୂର୍ବରୁ ବରିଷ୍ଠ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କୁ ତାଙ୍କ ବର୍ତ୍ତମାନ ପଦବୀରୁ ବଦଳି କରାଯାଇ ଗୃହ ବିଭାଗରେ ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି (ଡଝଉ) ଭାବେ ନିଯୁକ୍ତ କରାଯାଇଛି।

ଏଠାରେ ଉଲ୍ଲେଖ ଯୋଗ୍ୟ, ଗତ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଜିପି ୱାଇ ବି ଖୁରାନିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ । ଛୁଟିଦିନ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଆସି ଆଲୋଚନା କରିଥିଲେ। ଏହା ପରେ ରାତିରେ ଆଇପିଏସ୍ ସ୍ତରରେ ଅଦଳ ବଦଳ ହୋଇଥିଲା। ୧୮ ଜଣ ଆଇପିଏସଙ୍କର ବଦଳି ହୋଇଥିଲା ।

## ନିଟ୍ ପେପର ଲିକ୍ ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ଏନଟିଏକୁ ନୋଟିସ୍ ଜାରି

ନୂଆଦିଲ୍ଲୀ, ୨୫।୫ (ମହାଭାରତ): ନିଟ ୟୁଜି ପେପର ଲିକ୍ ମାମଲାରେ, ମେଡିକାଲ ପ୍ରବେଶିକା ପରୀକ୍ଷାରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଗତ ଅନେକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ। ଜଷ୍ଟିସ୍ ପିଏସ୍ ନରସିଂହାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏନଟିଏ ପୂର୍ବ ଘଟଣାରୁ କୌଣସି ଶିକ୍ଷା ଗ୍ରହଣ କରିନାହିଁ।

ଏନଟିଏ ସିଷ୍ଟମକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ପ୍ରଦାନ କରିବା ପାଇଁ ୨୦୨୪ ଆଦେଶ ପରେ ଗଠିତ ହାଇପାୱାର କମିଟିର ସୁପାରିଶ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ତିନିଦିନ ମଧ୍ୟରେ ଏକ ସ୍ଥିତି ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିଟ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଆବେଦନ ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏସନ୍ ଏବଂ ୟୁନାଇଟେଡ୍ ଡକ୍ଟରସ୍ ଫ୍ରଂଟ ଦ୍ୱାରା ରାଷ୍ଟ୍ରୀୟ ଜନତା ଦଳ ସାଂସଦ ସୁଧାକର ସିଂହ, ସାମାଜିକ କର୍ମୀ ଅନୁଭବ ଗର୍ଗ, ଡାକ୍ତର ଧ୍ରୁବ ଏବଂ ହରିଶରଣ ଦେବଗନଙ୍କ ସହିତ ଦାଖଲ କରାଯାଇଥିଲା। ଆବେଦନରେ ନିଟ୍ ପରୀକ୍ଷାରେ ସଂସ୍କାର ଏବଂ ସ୍ୱଚ୍ଛତା ପାଇଁ ଦାବି କରାଯାଇଛି। ଆବେଦନରେ ମେଡିକାଲ ପ୍ରବେଶିକା ପରୀକ୍ଷାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଏବଂ ଏନଟିଏ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଆବେଦନରେ କୁହାଯାଇଛି ଯେ ଏନଟିଏ କୁ ଏକ ନୂତନ କର୍ତ୍ତୃପକ୍ଷ ଦ୍ୱାରା ବଦଳାଯାଉ ଯାହା ପାଖରେ ବୈଧାନିକ ଆବେଦନରେ ଦାବି କରାଯାଇଛି ଯେ ଜୁନ୍ ୨୧ ତାରିଖରେ ହେବାକୁ ଥିବା ନିଟ୍ ପରୀକ୍ଷାକୁ କାଗଜ କଲମ ପରିବର୍ତ୍ତେ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରାଯିବା ଉଚିତ। ଏଥିରେ ସାଇବର ସୁରକ୍ଷା, ପରୀକ୍ଷା କେନ୍ଦ୍ର ଭିତିଭୂମି ଏବଂ ପ୍ରାର୍ଥୀଙ୍କ ପ୍ରବେଶ ବିଷୟରେ ବିସ୍ତୃତ ସୂଚନା ଅନ୍ତର୍ଭୁକ୍ତ ହେବା ଉଚିତ।

# କାଳବୈଶାଖୀ ତାଣ୍ଡବ : ଭାଙ୍ଗିଲା ଧନୁଯାତ୍ରା ସ୍ମାରକୀ ଗେଟ୍, ୨ ଗୁରୁତର

ବରଗଡ, ୨୫।୫(ମହାଭାରତ.): କାଳବୈଶାଖୀ ତାଣ୍ଡବ। ବର୍ଷା ଓ ପବନରେ ଭାଙ୍ଗିଲା ଧନୁଯାତ୍ରା ସ୍ମାରକୀ ଗେଟ୍। ଗେଟ୍ ପଡି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ ଅଜିତ୍ କୁମ୍ଭାର ଓ ସୁଜିତ୍ କୁମ୍ଭାର । ସେମାନେ ପେଶାରେ ରିକ୍ସା ଚାଳକ ଅଟନ୍ତି।ତାତିରେ ଭାଜି ହେଉଛି ସାରା ଓଡିଶା। ପଶ୍ଚିମ ଓଡିଶାରେ ମଧ ଦେଖିବାକୁ ମିଳିଛି ତାତିର ପ୍ରଭାବ। ତାତିରେ ଲୋକମାନେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ତେବେ ସୋମବାର ଦ୍ୱିପହର ସମୟରେ ବରଗଡ଼ ସହରରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଦ୍ରୁତ ଗତିରେ ପବନ ବହିବା ସହିତ ବର୍ଷା ମଧ୍ୟ ହୋଇଥିଲା। ଯାହା ଫଳରେ ବହୁ ଗଛ ପତ୍ର ଭାଙ୍ଗିଥିଲା। ଏଥି ସହିତ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ସ୍ମାରକୀ ତୋରଣ ମଧ୍ୟ ଭାଙ୍ଗି ଯାଇ ତଳେ ପଡ଼ି ରହିଛି।ଏହି ଅଘଟଣ ସମୟରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତିମାନଙ୍କ ଚିକିତ୍ସା ପାଇଁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଛି।



## ପଶ୍ଚିମ ଓଡ଼ିଶା ଜଳୁଛି

ଭୁବନେଶ୍ୱର୨୫।୫(ମହାଭାରତ):: ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମର ପ୍ରକୋପ ଏବେ ଚରମ ସୀମାରେ ପହଞ୍ଚିଛି। ସକାଳୁ ସକାଳୁ ଖରାର ତେଜ ବଢୁଥିବା ବେଳେ ଦିନ ବଢ଼ିବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନଥିବାରୁ ରାଜ୍ୟ ପାଣିପାଗ ବିଭାଗ ୩ଟି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଏବଂ ୫ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ।ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସମ୍ବଲପୁର, ବଲାଙ୍ଗିର ଓ ବୌଦ୍ଧ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହ ତାପମାତ୍ରା ଅସ୍ୱାଭାବିକ ଭାବେ ବଢ଼ିପାରେ। ଏହି କାରଣରୁ ଏହି ତିନି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ନୂଆପଡ଼ା, କଳାହାଣ୍ଡି, ବରଗଡ଼ଓ ସୋନପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି।

# ଓଇଆରସି ଅଧକ୍ଷ ପଦରୁ ଓହରିଗଲେ ପ୍ରଦୀପ ଜେନା

ଭୁବନେଶ୍ୱର, ୨୫।୫(ମହାଭାରତ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ, ବାରମ୍ବାର ବିଦ୍ୟୁତ୍ କାଟ ଓ ୧୦ହଜାରରୁ ଅଧିକ ଠିକା କର୍ମଚାରୀଙ୍କ ଛଟେଇ ମଧ୍ୟରେ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ(ଡଋଜଉ) ଅଧକ୍ଷ ପ୍ରଦୀପ କୁମାର ଜେନା ଆଜି ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ସୋମବାର ଅପରାହ୍ନରୁ ତାଙ୍କର ଇସ୍ତଫାକୁ ଗ୍ରହଣ କରିଥିବା ନେଇ ଶକ୍ତି ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ମାତ୍ର ବର୍ଷ ପୁରିବା ପରେ କାହିଁକି ଅଚାନକ ଓଇଆରସି ଅଧକ୍ଷ ପଦରୁ ଇସ୍ତଫା ଦେଲେ ତାକୁ ନେଇ ନାନାଦି ଚର୍ଚ୍ଚା ପାୱାର କରିଡରରେ ଲାଗିରହିଛି ।ଶକ୍ତି ବିଭାଗରୁ ଜାରି ବିଜ୍ଞପ୍ତି ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଶ୍ରୀ ଜେନା ଜେନା 'ବ୍ୟକ୍ତିଗତ' କାରଣ ଦର୍ଶାଇ ଓଇଆରସିଅଧକ୍ଷ ପଦରୁ ଦେଇଥିବା ଇସ୍ତଫାକୁ ଗ୍ରହଣ କରାଯାଇଛି ଓ ଆଜି ଅପରାହ୍ନରୁ ତାଙ୍କୁ ପଦ ଛାଡିବାକୁ ଅନୁମତି ଦିଆଯାଇଛି। ଅନ୍ୟପକ୍ଷରେ ଶ୍ରୀ ଜେନାଙ୍କ କାର୍ଯ୍ୟକାଳ ଆହୁରି ୪ବର୍ଷ ଥିବାବେଳେ ସେ କାହିଁକି ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।ସୂଚନା ଅନୁସାରେ, ଓଇଆରସିଅଧକ୍ଷ ଶ୍ରୀ ଜେନା ଗତ ଶନିବାର ନିଜର ଇସ୍ତଫା ପତ୍ର ସରକାରଙ୍କ ନିକଟକୁ ପଠାଇ ଦେଇଥିଲେ। ବ୍ୟକ୍ତିଗତ କାରଣରୁ ସେ ଏହି ପଦରେ ରହିବା ପାଇଁ ଚାହୁଁନଥିବା ଦର୍ଶାଇ ଦେଇଥିବା ଇସ୍ତଫା ପତ୍ରକୁ ସ୍ୱୀକାର କରିବାକୁ ମଧ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଇସ୍ତଫାକୁ ସରକାର ଆଜି ସନ୍ଧ୍ୟାରେ ଗ୍ରହଣ କରି ତାଙ୍କୁ ଦାୟିତ୍ୱମୁକ୍ତ କରିଛନ୍ତି।



## ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।

ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ଚୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



ଖବର

# ଫିଲ୍ମ ପେଦ୍ଦୀକୁ ନେଇ କଠୋର ହେଲା ସିବିସିଏଫ




ସାଉଥ ଷ୍ଟାର ରାମଚରଣ ଏବଂ ଜାହ୍ନବୀ କପୁରଙ୍କ ଫିଲ୍ମ ପେଦ୍ଦୀ ରିଲିଜକୁ ନେଇ ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେସନ ତରଫରୁ ଗ୍ରୀନ ସିଗନାଲ ମିଳିଛି । ତେଲୁଗୁ ଇଣ୍ଡଷ୍ଟ୍ରୀରୁ ଆସିଥିବା ଏକ ଫିଲ୍ମର ଟ୍ରେଲର ଏବଂ ଗୀତ ବେଶ୍ ଚର୍ଚ୍ଚାରେ ରହିଛି । ଅରିଜିନାଲ ତେଲୁଗୁ ଭର୍ସନ ସହିତ ପେଦ୍ଦୀ ହିନ୍ଦୀରେ ରିଲିଜ ହୋଇଛି । ଏହାସହିତ ହିନ୍ଦୀ ଟ୍ରେଲରରେ ଭୋଜପୁରୀ ଷ୍ଟାଇଲରେ ଡବିଂ ଏବଂ ଜାହ୍ନବୀ କପୁରଙ୍କୁ ଓଭର ସେକ୍ସୁଆଲାଇଜ କରାଯିବ ବେଶ୍ ଚର୍ଚ୍ଚାରେ ରହିଛି । ଏବେ ପେଦ୍ଦୀକୁ ସେନ୍ସର ବୋର୍ଡ ସାର୍ଟିଫିକେଟ ମିଳିବା ପରେ ଫିଲ୍ମରେ ପରିବର୍ତ୍ତନ କରାଯାଇଛି ।ରିପୋର୍ଟ ମୁତାବକ, ସିବିଏଫସି ତରଫରୁ ଫିଲ୍ମକୁ ୟୁ/ଏ ୧୬+ ସାର୍ଟିଫିକେଟ ମିଳିଛି । କିନ୍ତୁ ଏହି ସାର୍ଟିଫିକେଟ ଦେବା ପାଇଁ ସିବିଏଫସି ଫିଲ୍ମରେ ଅନେକ ପରିବର୍ତ୍ତନ କରିଛି । ଫିଲ୍ମରେ ମା ନାମରେ ଦିଆଯାଉଥିବା ଗାଳି ବ୍ୟତୀତ ଅଶ୍ଳୀଳ ଶବ୍ଦକୁ ମ୍ୟୁଟ୍ କରାଯାଇ ବଦଳା ଯାଇଛି । ପେଦ୍ଦୀର ଟ୍ରେଲର ଆସିବା ପୂର୍ବରୁ ସୋସିଆଲ ମିଡିଆରେ ଖୁବ ଭାଇରଲ ହେଉଥିଲା । ଏହାସହିତ ରାଜସ୍ଥାନ ରାଜ୍ୟର ଏକ ଖାସ୍ ସମୁଦାୟର ରେଫରେନ୍ସ ସଂପୂର୍ଣ୍ଣ ଭାବେ ହଟାଯାଇଛି ।ଫିଲ୍ମରେ ରାମଚରଣ ନିଜ ଗାଁର ଏମିତି ଏକ ଖେଳାଳି ଭୂମିକାରେ ନଜର ଆସିଛନ୍ତି, ଯିଏକି ସବୁ ଖେଳରେ ମାହିର ୟ ପୁରା ଗାଁ କେବଳ ତାଙ୍କ ପରଫର୍ମ ଦେଖିବାକୁ ଏକାଠି ହୋଇଯାଏ । ଟ୍ରେଲରରେ ରାମଚରଣଙ୍କ ଭୂମିକା କ୍ରିକେଟର ଠାରୁ ଆରମ୍ଭ କରି କୁସ୍ତି ଏବଂ ରନର ଭାବେ ନଜର ଆସିଛନ୍ତି । କିନ୍ତୁ ସେ ଯେତେବେଳେ ଜାତୀୟ ସ୍ତରରେ ଖେଳିବାକୁ ସ୍ୱପ୍ନ ଦେଖନ୍ତି, ସେତେବେଳେ ବହୁତ ମୁସ୍କିଲ ସାମ୍ନାକୁ ଆସିଥାଏ ।ଫିଲ୍ମରେ ରାମଚରଣଙ୍କ ସହିତ ଜାହ୍ନବୀ କପୁର ମଧ୍ୟ ପ୍ରମୁଖ ଭୂମିକାରେ ନଜର ଆସିଛନ୍ତି । ଫିଲ୍ମଟି ଜୁନ୍ ୪ରେ ରିଲିଜ ହେବ ।

## ଚର୍ବି କମ କରେ ଲୁଣ




ଏକ ସହଜ ଉପାୟ ଯାହାକୁ ଉପଯୋଗ କରି ଆପଣ ନିଜର ପେଟରେ ଥିବା ଚର୍ବିକୁ କମାଇପାରିବେ। ସକାଳୁ ଏକ ଗିଲାସ ସାଧା ପାଣିରେ ବଡ଼ ଅନୁସାରେ ଲୁଣ ମିଶାଇକି ପିଅନ୍ତୁ। ଦେଖିବେ କିପରି ଭାବେ ଆପଣଙ୍କ ପେଟରେ ପରିବର୍ତ୍ତନ ଆସୁଛି।

ଜାଣନ୍ତୁ କଣ ରହିଛି ଏହାର ଫାଇଦା:

ଫାଇଦା କଥା କହିଲେ ଲୁଣ ଏବଂ ପାଣି ପିଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବେ ହୋଇଥାଏ । ଏହି ପାଣିକୁ ପିଇବା ଦ୍ୱାରା ଖାଦ୍ୟ ଶିଘ୍ର ହଜମ ହେବା ସହ ଲିଭର ଏବଂ ଇନଟେଷ୍ଟାଇନ୍ ଠିକ୍ ଭାବେ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ।

ଲୁଣ ପାଣିରେ ଅଧିକ ପରିମାଣରେ ମିନେରାଲସ୍ ମାତ୍ରା ରହିଥିବା ହେତୁ ଏହା ଆଣ୍ଟିବ୍ୟାକ୍ଟେରିଆ ପରି କାମ କରିଥାଏ। ଶରୀରରେ ହାନିକାରକ ବ୍ୟାକ୍ଟେରିଆକୁ ବିନାସ କରିବା ସହିତ ଶରୀରକୁ ଡେଟକ୍ସ କରିଥାଏ।

ଯଦି ନିଦ ନହେବାର ସମସ୍ୟାରେ ଆପଣ ଅଛନ୍ତି ତେବେ ପ୍ରତିଦିନ ଲୁଣ ପାଣି ପିଇବା ଉଚିତ। ଲୁଣ ଆଡ୍ରେନାଲାଇନ୍ ଏବଂ କରଟିସୋଲ୍ କମାଇଥାଏ ଯାହାଦ୍ୱାରା ରାତିରେ ଭଲ ନିଦ ହୋଇଥାଏ।କଳା ଲୁଣର ପାଣି ପିଇବା ଦ୍ୱାରା ନା କେବଳ ଶରୀର ତାସହିତ ତ୍ୱଚ ସମ୍ବନ୍ଧୀୟ ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏହା ତ୍ୱଚକୁ ବ୍ରଣ ଏବଂ କୁଞ୍ଚନରୁ ରକ୍ଷା କରିଥାଏ । ଏହା ପାଚନ ଶକ୍ତକୁ ତ୍ୱରାନ୍ୱିତ କରିବା ସହିତ ପୋଷଣ ଦେଇଥାଏ ଯାହା ମୋଟା ନହେବା ପାଇଁ ସାହାଯ୍ୟ କରିଥାଏ । ଏହା ଶରୀରର ସବୁ କୋଷିକା ପର୍ଯ୍ୟନ୍ତ ପୋଷଣ ପହଁଚଇବା ସହିତ ଚର୍ବି କମ୍ କରିବାରେ ସାହାଯ୍ୟ କରିଥାଏ ।

# ଉପକାରୀ ପାନମହୁରୀ



ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି। ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ ହ୍ରାସ ପାଇବାରେ ଲାଗିଛି । ଓଜନ ବଢିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ୍ୟ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ ।

ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

# ବିପଦକୁ ଦୂରେଇ ରଖେ ମାଛ ଆକ୍ୱାରିୟମ୍



ଘରର ସାଜସଜ୍ଜାକୁ ଆକର୍ଷଣୀୟ କରିବା ଉପରେ ପ୍ରାୟତଃ ସମସ୍ତେ ଗୁରୁତ୍ୱ ଦେଇଥାନ୍ତି। ଏଥିଲାଗି ଘରକୁ ଆଧୁନିକ ଶୈଳୀରେ ସଜାଇବା ସହ ମାଛ ଆକଓ୍ୱାରିୟମ୍ ମଧ୍ୟ ରଖିଥାନ୍ତି। ଏହା ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ହେଲେ ପେଙ୍ଗସୁଇ ଅନୁସାରେ ଘରେ ଫିସ୍ ଆକଓ୍ୱାରିୟମ୍ ରଖିବା ଦ୍ୱାରା ଘରେ ସୁଖ, ଶାନ୍ତି ଆସିବା ସହ ଘରକୁ ଆସିବାକୁ ଥିବା ସବୁ ବିପତ୍ତିରୁ ଏହା ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ଏହାର କେତେକ ନିୟମ ଅଛି, ଯାହାକୁ ପାଳନ କଲେ ଆପଣଙ୍କୁ ଏହାର ଶୁଭ ଫଳ ମିଳିବ। ଆଜି ମଧ୍ୟ ଏପରି ଲୋକ ଅଛନ୍ତି, ଯେଉଁମାନେ ଘରେ ଆକ୍ୱାରିୟମ୍ ତ ରଖିଛନ୍ତି, କିନ୍ତୁ ଏହାକୁ କେଉଁ ଦିଗରେ କିପରି ସ୍ଥାନରେ ରଖାଯାଏ ତାହା ଜାଣି ନଥାନ୍ତି। ତେବେ ଆଜି ଆପଣଙ୍କୁ ଏହି ବିଷୟରେ ସୂଚନା ଦେବୁ। ଆପଣ କେଉଁ ଦିଗରେ ଫିସ୍ ଆକ୍ୱାରିୟମ୍ ରଖିଲେ ଏହା ଆପଣଙ୍କୁ ଶୁଭ ଫଳ ଦେବ, ଆସନ୍ତୁ ଜାଣିବା। ଘରେ ରଙ୍ଗିନ୍ ମାଛ ରଖିବା ଦ୍ୱାରା ଘରକୁ ଆସିବାକୁ ଥିବା ବିପଦ ଟଳି ଯାଇଥାଏ। ପେଙ୍ଗସୁଇ ମଧ୍ୟ ଏହି କଥା କହିଯାଏ ଯେ, ଘରେ ମାଛ ରଖିବା ଫଳରେ ଧନ ବିଥାଏ ଏବଂ ଏହା ସବୁ ବିପଦକୁ ଦୂରେଇ ଦେଇଥାଏ। ପେଙ୍ଗସୁଇ ଅନୁସାରେ ଘରେ ବା ଅଫିସରେ ଆକ୍ୱାରିୟମ୍ ରଖିବା ସମୟରେ କିଛି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହାକୁ ପୂର୍ବ, ଉତ୍ତର, ଉତ୍ତର-ପୂର୍ବ ଦିଗରେ ରଖିବା ଶୁଭ ବୋଲି ଧରାଯାଏ। ଏହା ସହ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁରୁଖୁରୁରେ ଅତିବାହିତ କରିବାକୁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାଖରେ ରଖିବା ଆବଶ୍ୟକ। ଫିସ୍ ଆକ୍ୱାରିୟମକୁ ରୋଷେଇଘର ବା ବାଥରୁମରେ ରଖିବା ଉଚିତ ନୁହେଁ। ଘରେ ସକରାତ୍ମକ ଚିନ୍ତାଧାରା ବଜାୟ ରଖିବାକୁ ଚାହିଁଲେ ମଝିରେ ମଝିରେ ତାହାର ପାଣି ବଦଳେଇବା ଦରକାର। ପେଙ୍ଗସୁଇ ଅନୁସାରେ କଳା ରଙ୍ଗର ମାଛ ଘର ଉପରେ କୌଣସି ବିପଦକୁ ଆସିବାକୁ ଦିଏନାହିଁ। ତେବେ ଆକ୍ୱାରିୟମ ଥିବା ଅବସ୍ଥାରେ ଯଦି କୌଣସି ମାଛ ମରିଯାଇଥାନ୍ତି, ତେବେ ତୁରନ୍ତ ଉକ୍ତ ମାଛକୁ ବାହାର କରି କୌଣସି ପୋଖରୀ ବା ନଦୀରେ ଭସାଇ ଦିଅନ୍ତୁ। ପେଙ୍ଗସୁଇ ଅନୁସାରେ ଯେତେବେଳେ କୌଣସି ମାଛ ମରିଯାଏ, ସେତେବେଳେ ତାହା କୌଣସି ନା କୌଣସି ନକରାତ୍ମକ ଶକ୍ତିକୁ ନେଇ ଚାଲିଯାଇଥାଏ ବୋଲି ବିଶ୍ୱାସ ରହିଛି।



## ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।



ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଲାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ରଥ ଆଗରେ ନିୟୋଜିତ ହେବେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି

**ଭୁବନେଶ୍ୱର, ୨୫।୫ (ମହାଭାରତ):** ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଗୁରୁବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନବଯୌବନ ଦର୍ଶନ, ରଥଯାତ୍ରା, ହେରା ପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ




ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା।

ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି। ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ। ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ୱାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ। ଏହାବ୍ୟତୀତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ ସୁପରିଚାଳନା ପାଇଁ ରୋଡ ଡିଭାଇଡର, ଡିଲିନେଟର ଏବଂ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ଶୃଙ୍ଖଳିତ ଯାତାୟାତ ପରିଚାଳନା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଂଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜଗୁଡ଼ିକରେ ନିୟମିତ ଯାଂଚ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍ ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ସମୁଦ୍ରକୂଳ ଅଂଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଆରପିଏଫ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।

ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କେ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିୟୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ।

## ବେଆଇନ ମାଟି ଉତୋଳନ ମାମଲାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ପକ୍ଷଭୁକ୍ତ କରାଯାଉ : କଂଗ୍ରେସ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ପାରାଦ୍ୱୀପ କୁଜଙ୍ଗ ଅଂଚଳରେ ମାଫିଆଙ୍କ ବେଆଇନ ମାଟି ଖନନ ଓ ଏସବୁ କାର୍ଯ୍ୟକଳାପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମ୍ପୃକ୍ତିକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ପାରାଦ୍ୱୀପ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ପରିବେଶବିତ ଓ କଂଗ୍ରେସ ନେତା ସୁଧାଂଶୁ ଦେଓ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ପିସିସି ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ଇଡ଼କୋ ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ୨୦ ଏକର ବିଶିଷ୍ଟ ଏକ ଫାର୍ମ ହାଉସ ଏହି ଅଂଚଳରେ ଅଛି ଏବଂ ମାଟି ଖନନ ହୋଇ ତାଙ୍କ ଫାର୍ମ ହାଉସରେ ହଜାର ହଜାର ଟ୍ରିପ ମାଟି ପକା ଯାଉଛି । ଏହି ବେଆଇନ ମାଟି ଖନନ ମାଫିଆ ମାଷ୍ଟର ମାଇଣ୍ଡ ସବୁ ମନ୍ତ୍ରୀଙ୍କ ପାଖ ଲୋକ ଓ ତାଙ୍କ ଛତ୍ରଛାୟା ତଳେ ଥାଇ ଏସବୁ ବେନିୟମ କାର୍ଯ୍ୟରେ ଲିପ୍ତ ଅଛନ୍ତି । ମନ୍ତ୍ରୀଙ୍କ ସହ ଏମାନଙ୍କ ଫୋଟୋ ସବୁ ଘୁରି ବୁଲୁଛି ଓ କେତେ ଘନିଷ୍ଠ ତାହା ପ୍ରମାଣ କରୁଛି। ତେଣୁ ଏହି ଖନନ ଘଟଣାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇ ମାମଲା ରୁଜୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ପାରାଦ୍ୱୀପ ଅଂଚଳ ବର୍ତମାନ ମାଟି ଓ ବାଲିରେ ମାଫିଆଗିରି ମାଧ୍ୟମରେ ଯେଭଳି ଲକ୍ଷ ଲକ୍ଷ ଟନ ମାଟି ଉତୋଳନ କରାଯାଉଛି । ଆଗାମୀ ଦିନରେ ଏହି ଅଂଚଳ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଘଟିବା ସହ ଜୈବ ବିଭିଦତା ନଷ୍ଟ ହେବ ଓ କିଛି ବର୍ଷ ମଧ୍ୟରେ ଏହି ଅଂଚଳ ମରୁଭୂମି ପାଲଟିବ ବୋଲି ଉପସ୍ଥିତ କଂଗ୍ରେସ ନେତୃଗଣ ମତ ପ୍ରକାଶ କରିଥିଲେ। ଭବିଷ୍ୟତରେ ଏହାକୁ ରୋକା ନଗଲେ ବିରାଟ ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି ।

## ଲାଂଚ ନେବା ବେଳେ ଧରାପଡିଲେ ପୁରୁଷ ସ୍ୱାସ୍ଥ୍ୟକର୍ମୀ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ଲାଂଚ ନେବା ବେଳେ ଧରାପଡିଲେ ପୁରୁଷ ସ୍ୱାସ୍ଥ୍ୟକର୍ମୀ । ଖୋର୍ଦ୍ଧା ଜିଲ୍ଲା ହଳଦିଆ ସିଏଚସି (ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର)ର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶ୍ରୀ ବିଭୂତି ଭୂଷଣ ସାହୁଙ୍କୁ ମୃତ୍ୟୁ ପ୍ରମାଣପତ୍ର ଜାରି ପାଇଁ ଫାଇଲ ପ୍ରକ୍ରିୟାକରଣ କରିବା ପାଇଁ ଲାଂଚ ଦାବି ଏବଂ ଗ୍ରହଣ କରୁଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିର କରାଯାଇଛି।



ଅଭିଯୋଗକାରୀ ତାଙ୍କ ମୃତ ପିତାମାତାଙ୍କର ମୃତ୍ୟୁ ପ୍ରମାଣପତ୍ର ପାଇଁ ଖୋର୍ଦ୍ଧା ସବ୍-କଲେକ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ସବ୍-କଲେକ୍ଟର ଏହି ସନ୍ଦର୍ଭରେ ହଳଦିଆ ସିଏଚସିର ଜନ୍ମ ଓ ମୃତ୍ୟୁ ନିବନ୍ଧକ-ସହ-ମେଡିକାଲ ଅଫିସରଙ୍କୁ ମୃତ୍ୟୁ ପ୍ରମାଣପତ୍ର ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଭିଯୁକ୍ତ ଶ୍ରୀ ବିଭୂତି ଭୂଷଣ ସାହୁ ଏହି କାମ କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ୧,୦୦୦ ଟଙ୍କା ଲାଂଚ ଦାବି କରିଥିଲେ ଏବଂ ଲାଂଚ ରାଶି ନ ଦେଲେ କାମ ନ କରିବାକୁ କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ଅଭିଯୁକ୍ତଙ୍କ ସମ୍ବନ୍ଧରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସୂଚନା ପାଇବା ପରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଶ୍ରୀ ସାହୁଙ୍କୁ ଅଭିଯୋଗକାରୀଙ୍କ ଠାରୁ ୧,୦୦୦ ଟଙ୍କା ଲାଂଚ ନେଉଥିବା ବେଳେ ଧରିଥିଲା। ଅଭିଯୁକ୍ତଙ୍କ ନିକଟରୁ ସମସ୍ତ ଟଙ୍କା ୧,୦୦୦ ଟଙ୍କା ଜବତ କରାଯାଇଛି।

ଏହାପରେ ଅଭିଯୁକ୍ତ ଶ୍ରୀ ସାହୁଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଆୟ ବହିର୍ଭୁତ ସଂପତି ଠୁଳ ଅଭିଯୋଗରେ ତଲାଶି ଚାଲିଛି। ଏହି ସମ୍ବନ୍ଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ ୦୮, ତାରିଖ ୨୦.୦୫.୨୦୨୬, ଧାରା ୭, ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନୁସାରେ ରୁଜୁ କରାଯାଇଛି।

## ୨୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପିତ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ବ୍ରଜରାଜନଗର ପୌରପରିଷଦ ଅଂଚଳର ବ୍ୟାପକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ବ୍ରଜରାଜନଗରଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗରର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ ଗୋଟି ନୂତନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ ଗୋଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ବ୍ରଜରାଜନଗରର ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ମୁଖ୍ୟ ସଂକଳ୍ପ। ଆଜି ଯେଉଁ ସବୁ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି, ତାହା କେବଳ



ସହରର ଭିତିଭୂମିକୁ ସୁଦୃଢ଼ କରିବ ନାହିଁ, ବରଂ ଏହା ମାଧ୍ୟମରେ ଆମେ ଆମର ସ୍ଥାନୀୟ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଯାଉଛୁ। ନୂତନ ସପିଂ କମ୍ପ୍ଲେକ୍ସ ଏବଂ ଆଧୁନିକ ବଜାର ଭଳି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବ ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ। ଏହା ସହିତ ଦିନରାତି ଜାତୀୟ ରାଜପଥରେ ଯାତାୟାତ କରୁଥିବା ଆମ ଗାଡ଼ି ଚାଳକ ଭାଇମାନଙ୍କ ସୁରକ୍ଷା ଓ ବିଶ୍ରାମ ପାଇଁ ଜାତୀୟ ରାଜପଥ କଡ଼ରେ ଏକ ଅତ୍ୟାଧୁନିକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ପ୍ରତିଟି ବର୍ଗର କଲ୍ୟାଣ ଏବଂ ଏକ 'ବିକଶିତ ବ୍ରଜରାଜନଗର' ଗଠନ ଦିଗରେ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ।' ଉଦ୍‌ଘାଟିତ ହୋଇଥିବା ୧୨ଟି ମୁଖ୍ୟ ପ୍ରକଳ୍ପ ମଧ୍ୟରେ ଗୋଆଲ ଚୌକଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଡ୍ରାମା ପେଣ୍ଡାଲ, ଇକୋ ପାର୍କରେ ୧୮ ଲକ୍ଷ ଟଙ୍କାର ଯୋଗ ପିଣ୍ଡି, ୧୭ ଲକ୍ଷ ଟଙ୍କା ବ୍ୟୟରେ ଶହୀଦ ସ୍ମୃତି ରକ୍ଷା ଓ ମଧୁସୂଦନ ଚୌକର ନବୀକରଣ ଏବଂ ୨୦୬ ଲକ୍ଷ ଟଙ୍କା ବ୍ୟୟରେ ୫ଟି ଅତିରିକ୍ତ ଶ୍ରେଣୀ ଗୃହ ସହ ସ୍କୁଲ ବିଲ୍ଡିଂ ନିର୍ମାଣ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସାଂସଦ ପାଣ୍ଠିରୁ ଲାମଟିବାହାଲଠାରେ କମ୍ୟୁନିଟି ସେଣ୍ଟର ପାଇଁ ୬.୭୫ ଲକ୍ଷ ଏବଂ ପାୱାର ହାଉସ ପଡ଼ାଠାରେ କମ୍ୟୁନିଟି ସେଂଟର ପାଇଁ ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ସେହିପରି ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବୃହତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜି.ଏମ. କମ୍ପ୍ଲେକ୍ସ ନିକଟରେ ୩.୬ କୋଟି ଟଙ୍କାର ଆଧୁନିକ ଆମିଷ ବଜାର, ମହିଳା ମହାବିଦ୍ୟାଳୟ ନିକଟରେ ୩.୪୨ କୋଟି ଟଙ୍କାର ସ୍ୱତନ୍ତ୍ର ପାଠାଗାର, ଲାମଟିବାହାଲଠାରେ ୨.୧ କୋଟି ଟଙ୍କାର କଲ୍ୟାଣ ମଣ୍ଡପ ଏବଂ ଟନେଲ ରୋଡ୍ ନିକଟରେ ୧.୨ କୋଟି ଟଙ୍କା ବ୍ୟୟରେ ଏକ ସପିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନେଇ ପ୍ରସ୍ତୁତି ସରିଛି।

## ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଏବଂ ଡେଙ୍ଗୁ ପ୍ରତିଶେଧକ ବ୍ୟବସ୍ଥା ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବର୍ଷା ଋତୁ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ନେଇ ଆଲୋଚନା କରାଯାଇଥିଲା । ତୃଣମୂଳସ୍ତରରୁ ରୋଗ ପ୍ରତିଶେଧକ ଏବଂ ଡେଙ୍ଗୁ ନିୟନ୍ତ୍ରଣ ନେଇ ଯୋଜନା କରିବା ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଭେକ୍ଟର ବାହୀତ ରୋଗ ନିୟନ୍ତ୍ରଣ ଏବଂ ଡେଙ୍ଗୁ ରୋଗରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏ ସଂପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଏହି କାର୍ଯ୍ୟକ୍ରମରେ ବିଏମ୍ ସିର ସମସ୍ତ ଚିକିତ୍ସା ଅଧିକାରୀ, ପରିଚାଳନା କର୍ମଚାରୀ, ସ୍ୱେଚ୍ଛାସେବୀ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ସଦସ୍ୟଙ୍କ



ଭଳି ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା କର୍ମୀଙ୍କୁ ସାମିଲ କରାଯିବ । ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧ୍ୟରେ ପ୍ରଚାର ପ୍ରସାର ସହ ରେଡିଓ ଜିଙ୍ଗଲ, ଡୋର ଟୁ ଡୋର ଗାଡି ଇତ୍ୟାଦି ମାଧ୍ୟମରେ ଡେଙ୍ଗୁରୋଗର ପ୍ରତିରୋଧ ସଂପର୍କରେ ପ୍ରଚାର ପ୍ରସାର କରାଯିବ । ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ମାଇକ୍ରୋ ପ୍ଲାନ କରାଯିବାକୁ ନିଷ୍ପତ୍ତି ହୋଇଛି । କେବଳ ସେତିକି ନୁହେଁ, ଶିକ୍ଷା ବିଭାଗ ସହ ସମନ୍ୱୟ ରକ୍ଷାକରି ସଂପୃକ୍ତ ମେଡିକାର ଅଫିସରଙ୍କ ଦ୍ୱାରା ପ୍ରାର୍ଥନା କ୍ଲାସରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ରୋଗର ସମ୍ବେଦନଶୀଳତା ସଂପର୍କରେ ଅବଗତ କରାଯିବ। ମଶା ପ୍ରଜନନ ଉତ୍ସଗୁଡିକୁ ଚିହ୍ନଟ କରିବା ଏବଂ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଏହି ଉତ୍ସଗୁଡିକର ବିରୋଫ ପାଇଁ ଉଭୟ ଘରୋଇ ଏବଂ ଘରୋଇ ସର୍ବେ କରିବାକୁ ନିଷ୍ପତ୍ତି ହୋଇଛି । ତିନି ମାସ ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ । ୨୦ଟି ଟିମ୍ ଗଠନ କରାଯାଇ ପ୍ରତିଦିନ ୪୦ଟି ଘରକୁ ପ୍ରତ୍ୟେକ ଟିମ୍ ଯାଇ ସଚେତନ କରାଇବେ । ଡେଙ୍ଗୁର ଉତ୍ସଗୁଡିକୁ ହ୍ରାସ କରିବା ପାଇଁ ସେମାନେ ମଧ୍ୟ ସଚେତନତା ସୃଷ୍ଟି କରିବେ । ପ୍ରତ୍ୟେକ ୱାର୍ଡରେ ଡେଙ୍ଗୁ ଦିବସ ପାଳନ କରାଯିବ । କର୍ପୋରେଟରଙ୍କ ଅଧ୍ୟକ୍ଷତାରେ ଆଶାକର୍ମୀ, ସ୍ୱଚ୍ଛସାଥୀ, ଆରଡବ୍ଲୁଏ ଏବଂ ସମସ୍ତ ବିଭାଗର ପ୍ରତିନିଧିଙ୍କର ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି କାର୍ଯ୍ୟକ୍ରମରେ ମାର୍କେଟ ଆସୋସିଏସନ, ଆବାସିକ କଲ୍ୟାଣ ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟ, ସଦସ୍ୟା, ବସ୍ତି ବାସିନ୍ଦା ସଂଘଙ୍କୁ ମଧ୍ୟ ସାମିଲ କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ମଲ, ପାର୍କ, ବସ୍ ଷ୍ଟାଣ୍ଡ, ବିବାହ, ସମ୍ମିଳନୀ, ମନ୍ଦିର, ଫୁଡ୍ କୋର୍ଟ, ନିର୍ମାଣକାରୀ ସଂସ୍ଥା ଆଦିଙ୍କୁ ସେମାନଙ୍କ ପରିସରରୁ ମଶା ପ୍ରଜନନ ଉତ୍ସଗୁଡିକୁ ହଟାଇବା ପାଇଁ ଅନୁରୋଧ କରାଯିବ ।

## ଭୁବନେଶ୍ୱରରେ 'ଅଭାଦା ଭାରତ ଉଦୟ ଯାତ୍ରା'

**ଭୁବନେଶ୍ୱର, ୨୫।୫ (ମହାଭାରତ):** ନବୀକରଣଯୋଗ୍ୟ ଶକ୍ତିକୁ ନେଇ ସଚେତନତା ତ୍ୱରାନ୍ୱିତ କରିବାକୁ ନିଜର ଦେଶବ୍ୟାପୀ ଯାତ୍ରାକୁ ଜାରି ରଖି ୧୭.୭ ଜିଡବ୍ଲ୍ୟୁପିରୁ ଅଧିକ ନବୀକରଣଯୋଗ୍ୟ ଶକ୍ତି ପୋର୍ଟଫୋଲିଓ ରହିଥିବା ଭାରତର ଅନ୍ୟତମ ଅଗ୍ରଣୀ ସମନ୍ୱିତ ଶକ୍ତି ରୂପାନ୍ତରଣକାରୀ ଗୋଷ୍ଠୀ ଅଭାଦା ଗ୍ରୁପ୍ ତାହାର ଅଗ୍ରଣୀ ପ୍ରୟାସ 'ଆଭାଡା ଭାରତ ଉଦୟ ଯାତ୍ରା' ଭୁବନେଶ୍ୱରକୁ ଆଣିଛି; ଯାହା ନାଗରିକବୃନ୍ଦ ଏବଂ ସ୍ଥାନୀୟ ସହଭାଗୀଙ୍କୁ ଦୀର୍ଘସ୍ଥାୟୀ ଶକ୍ତି ଓ ଜଳବାୟୁ-ସମ୍ବେଦନଶୀଳ ଜୀବନ ନିର୍ବାହକୁ କେନ୍ଦ୍ରକରି ଆଲୋଚନାରେ ନିୟୋଜିତ କରୁଛି।

୨୦୨୬ ମେ ୮ ତାରିଖରେ ନଏଡାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ନବୀକରଣଯୋଗ୍ୟ ଶକ୍ତି ଓ ଦୀର୍ଘସ୍ଥାୟୀ ଜୀବନ ନିର୍ବାହକୁ ଆପଣେଇବା ସମ୍ପର୍କରେ ତୃଣମୂଳ ସ୍ତରରେ ବୋଧଗମ୍ୟତାକୁ ସୁଦୃଢ଼ କରିବା ଏବଂ ତାହାସହିତ ଏକ ସ୍ୱଚ୍ଛ ଓ ଅଧିକ ଆତ୍ମ- ନିର୍ଭରଶୀଳ ଶକ୍ତି ଭବିଷ୍ୟତ ଦିଗରେ ଭାରତର ରୂପାନ୍ତରଣକୁ ସମର୍ଥନ କରିବା ଲକ୍ଷ୍ୟରେ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଉଛି।

ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଥିବା ଭ୍ୟାନ୍ ଏପର୍ଯ୍ୟନ୍ତ ଉତ୍ତର ପ୍ରଦେଶ, ଝାଡଖଣ୍ଡ ଏବଂ ଓଡ଼ିଶା ସମେତ ଚାରିଟି ରାଜ୍ୟ ଓ ଚାରିଟି ସହରରେ ପ୍ରାୟ ୨୦୧୦ କିଲୋମିଟର ଯାତ୍ରା କରିସାରିଛି। ଏହା ତଲ୍ଲୀନକାରୀ କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଓ ସର୍ବସାଧାରଣ ନିୟୋଜନତା ପ୍ରୟାସସମୂହ ଜରିଆରେ ଜନସମୁଦାୟଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଯୋଡି ହେବା ଜାରି ରଖିଛି।

ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଭିନିତ ମିତ୍ତଲ, ଚେୟାରମ୍ୟାନ, ଅଭାଦା ଗ୍ରୁପ୍ କହିଥିଲେ, "ଏବେ ଭାରତରେ ସବୁଜ ଶକ୍ତିକୁ ଆପଣେଇବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସମୟ ଆସିଛି। ବୈଶ୍ୱିକ ଜୀବାଶ୍ମ ଇନ୍ଧନ ଏବଂ ଯୋଗାଣ ଶୃଙ୍ଖଳରେ ଯେଉଁ ସମୟରେ ଭୂରାଜନୈତିକ ଅନିଶ୍ଚିତତା ଏବଂ ବ୍ୟାଘାତ ଶକ୍ତି ବଜାରଗୁଡିକୁ ପ୍ରଭାବିତ କରିବା ଲାଗିରହିଛି, ସେତେବେଳେ ସ୍ୱଚ୍ଛ ଶକ୍ତି ଆଡକୁ ଭାରତର ରୂପାନ୍ତରଣ କେବଳ ପରିବେଶଗତ ଅଗ୍ରାଧିକାରତା ନୁହେଁ, ବରଂ ଶକ୍ତି ନିରାପତ୍ତା ଓ ଆତ୍ମନିର୍ଭରଶୀଳତା ନିମନ୍ତେ ଏହା ଏକ ରଣକୌଶଳାତ୍ମକ ଅନିବାର୍ଯ୍ୟ ହୋଇପଡିଛି। ଏହି ଯାତ୍ରାରେ ଭାରତ ଏକ ନିର୍ଦ୍ଧାରଣକାରୀ ମୁହୂର୍ତ୍ତରେ ଛିଡାହୋଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟ ନାଗରିକମାନଙ୍କ ଅଂଶଗ୍ରହଣ ଦ୍ୱାରା ଏହା ପରିଚାଳିତ ହେବାକୁ ପଡିବ।

## ଆମ୍ବ ପ୍ରଦର୍ଶନକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ଭୁବନେଶ୍ୱରଠାରେ ଆୟୋଜିତ ଜୋନାଲ କନ୍‌ଫରେନ୍ସରେ ଆମ ରାଜ୍ୟର ବିଭିନ୍ନ ପ୍ରକାରର ଉନ୍ନତ ଓ ଶଙ୍କର କିସମର ଆମ୍ବ ପ୍ରଦର୍ଶିତ ହେବା ସହ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହେବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସଫଳତା ପାଇଁ ସେ ଓଡ଼ିଶାର ସମସ୍ତ ପରିଶ୍ରମୀ ଚାଷୀ ଭାଇଭଉଣୀ ଓ କୃଷି ଉଦ୍ୟୋଗୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୟୂରଭଞ୍ଜର ଆକର୍ଷଣୀୟ 'ସିମିଲଟନ୍ ସୁନ୍ଦରୀ', କେଉଁଝରର 'ବଳଦେବ', ବଲାଙ୍ଗିରର 'ଜାହାଙ୍ଗିର' ଓ ଢେଙ୍କାନାଳର 'ବେଲଗଜା' ସମେତ ବିଶ୍ୱପ୍ରସିଦ୍ଧ 'ମିଆଜାକି' ଏବଂ ଅନ୍ୟାନ୍ୟ ଉତ୍କୃଷ୍ଟ ଆମ୍ବ କିସମ ଆମ ଚାଷୀଙ୍କ ଦକ୍ଷତା ଓ ନିଷ୍ଠାର ପ୍ରମାଣ ଦେଇଛି। ସବୁଠାରୁ ଆନନ୍ଦର ବିଷୟ ଯେ, ନିକଟରେ ଢେଙ୍କାନାଳର 'ଆମ୍ରପଲ୍ଲୀ' ଆମ୍ବ ଲଣ୍ଡନ ବଜାରକୁ ରପ୍ତାନି ହୋଇ ଆମ ପାଇଁ ଗୌରବ ଆଣିଦେଇଛି। ଆମ ଚାଷୀଙ୍କ ଅକ୍ଲାନ୍ତ ପରିଶ୍ରମ, ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ କୃଷି ଉତ୍ପାଦକ ସଂଗଠନ ଗୁଡ଼ିକର ସଠିକ୍ ସମନ୍ୱୟ ଯୋଗୁଁ ଓଡ଼ିଶାର ଆମ୍ବ ଆଜି ଦେଶ ଓ ବିଦେଶ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ରାଜ୍ୟର କୃଷକମାନେ ହିଁ ଆମ ଅର୍ଥନୀତିର ପ୍ରକୃତ ଶକ୍ତି। ଚାଷୀଙ୍କ ବିକାଶ, ସେମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଯୋଗାଇଦେବା ଏବଂ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପ୍ରଦାନ କରିବା ସହ ଉଦ୍ୟାନ କୃଷିର ସାମଗ୍ରୀକ ଅଭିବୃଦ୍ଧି ପାଇଁ ଆମ ସରକାର ସଦାସର୍ବଦା ସଂକଳ୍ପବଦ୍ଧ। ଆମ କୃଷି କ୍ଷେତ୍ରର ଏହି ସଫଳତା ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।

## ୯୪% ସମୟସୀମା ଅନୁପାଳନ ହାସଲ କଲା ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର, ୨୫।୫ (ମହାଭାରତ):** ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ 'ଓଡ଼ିଶା ସେବା ଅଧିକାର ଆଇନ' (ଓଆରଟିପିଏସ) ଅଧୀନରେ ନାଗରିକ ସେବା ପ୍ରଦାନର କାର୍ଯ୍ୟଦକ୍ଷତା ଓ ଡିଜିଟାଲ୍ ସେବା ବ୍ୟବସ୍ଥାର ଅଗ୍ରଗତିର ସମୀକ୍ଷା କରାଯାଇଛି। ସମୀକ୍ଷାରେ ପ୍ରକାଶ ପାଇଛି ଯେ, ବିଭାଗ ଅଧୀନରେ ରହିଥିବା ୩୦ଟି ବିଜ୍ଞାପିତ ନାଗରିକ ସେବାରେ ପ୍ରାୟ ୯୪% ଆବେଦନକୁ ଆଇନଗତ ଭାବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରାଯାଇଛି।

ରାଜ୍ୟ ସରକାରଙ୍କ "ଲୋକସେବା ଅଧିକାର – ସୁବିଧାରେ ସରକାରୀ ସେବା" ଆଦର୍ଶକୁ ଆଧାର କରି ବିଭାଗ ସହରାଂଚଳ ନାଗରିକ ସେବା ପ୍ରଦାନ ବ୍ୟବସ୍ଥାକୁ କ୍ରମାଗତ ଭାବେ ଡିଜିଟାଲ୍ ଓ ଲୋକାଭିମୁଖୀ କରିଛି। ବର୍ତମାନ ୩୦ଟି ସେବା ମଧ୍ୟରୁ ୨୧ଟି ସେବା ସୁଯୋଗ, ସ୍ୱଚ୍ଛତା ଏବଂ ସ୍ୱତନ୍ତ୍ର ଅଭିଯୋଗ ପରିଚାଳନା ପୋର୍ଟାଲ୍ ମାଧ୍ୟମରେ ସମଗ୍ର ରାଜ୍ୟରେ ସମ୍ପୂର୍ଣ୍ଣ ଅନଲାଇନ୍ ରେ ଉପଲବ୍ଧ ହୋଇଥିବାବେଳେ, ଆଉ ୭ଟି ସେବା ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ଅଧୀନରେ ଅନଲାଇନ୍ ରେ ଉପଲବ୍ଧ ଅଛି। କେବଳ ୨ଟି ସେବା ବର୍ତମାନ ଅଫଲାଇନ୍ ମୋଡ୍ ରେ ଚାଲୁ ରହିଛି। ସେବାଗୁଡ଼ିକର ଅଧିକ ସ୍ୱଚ୍ଛ ମନିଟରିଂ ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବା ପାଇଁ ସେଂଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ୍ ମାଧ୍ୟମରେ ବିକଶିତ ହେଉଥିବା ୭ଟି ଡ୍ୟାସବୋର୍ଡର ବ୍ୟବହାରକାରୀଙ୍କ ଦ୍ୱାରା ଗ୍ରହଣୀୟ ପରୀକ୍ଷଣ ବର୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି।

୧ ଏପ୍ରିଲ୍ ୨୦୨୪ ରୁ ୨୭ ଏପ୍ରିଲ୍ ୨୦୨୬ ମଧ୍ୟରେ ବିଭିନ୍ନ



ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସମୁଦାୟ ୬,୫୯,୧୦୨ଟି ଆବେଦନ ଗ୍ରହଣ କରାଯାଇଥିଲା। ଏହା ପ୍ରଯୁକ୍ତିବିଦ୍ୟା ଆଧାରିତ ନାଗରିକ ସେବା ପ୍ରତି ସାଧାରଣ ଲୋକଙ୍କ ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏଥିମଧ୍ୟରୁ ୬,୦୭,୯୬୦ଟି ଆବେଦନ ନିର୍ଦ୍ଧାରିତ 'ସର୍ଭିସ୍ ଲେଭଲ୍ ଏଗ୍ରିମେଂଟ' (ଏସଏଲଆ) ସମୟସୀମା ମଧ୍ୟରେ ସମାଧାନ କରାଯାଇଥିବାବେଳେ ୧୦,୯୧୬ଟି ଆବେଦନ ବର୍ତମାନ ପ୍ରକ୍ରିୟାଧୀନ ଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରହିଛି।

ସେବାଭିତିକ କାର୍ଯ୍ୟଦକ୍ଷତା ମଧ୍ୟରେ ବ୍ୟବସାୟିକ ଲାଇସେନ୍ସ ସେବାରେ ୫୭,୭୧୫ଟି ଆବେଦନର ଶତପ୍ରତିଶତ ସମୟାନୁବର୍ତୀ ସମାଧାନ ସହ ଶୂନ୍ୟ ପେଣ୍ଡିଂ ରେକର୍ଡ କରାଯାଇଛି। ସ୍ୱେରେଜ୍ ସଂଯୋଗ ସେବାରେ ୯୮% ଏବଂ ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ୯୬% ସମୟସୀମା ଅନୁପାଳନ ହୋଇଛି। ଜଳ ଓ ସ୍ୱେରେଜ୍ ସଂଯୋଗ ସେବାରେ ସର୍ବାଧିକ ୫,୦୨,୫୫୫ଟି ଆବେଦନ ଗ୍ରହଣ କରାଯାଇଥିଲା। ସମ୍ପତି କର ନୂତନ ଆକଳନ ସେବାରେ ୯୬% ଏବଂ ସମ୍ପତି କର ମାଲିକାନା ବଦଳ ସେବାରେ ୭୬% ସମୟାନୁବର୍ତୀ ସମାଧାନ ହୋଇଛି। ବିବାହ ପ୍ରମାଣପତ୍ର ସେବାରେ ୫୩% ଆବେଦନ ସମୟସୀମା ମଧ୍ୟରେ ସମାଧାନ ହୋଇଥିବାବେଳେ ୪୬% ଆବେଦନ ନିର୍ଦ୍ଧାରିତ ସମୟ ପରେ ସମାଧାନ ହୋଇଥିବା ଜଣାପଡ଼ିଛି।

ବୈଠକରେ ଅନଲାଇନ୍ କୋଠାବାଡି ପ୍ଲାନ ମଞ୍ଜୁରୀ ବ୍ୟବସ୍ଥା ଓ ସହରୀ ଉନ୍ନୟନ ସମ୍ବନ୍ଧୀୟ ବିଭିନ୍ନ ଅନୁମତି ପ୍ରଦାନ ପ୍ରକ୍ରିୟାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ବ୍ୟବସ୍ଥା ଜଟିଳ ବୈଷୟିକ ଯାଂଚ ପ୍ରକ୍ରିୟାକୁ ସହଜ କରିଥିଲେ ମଧ୍ୟ କେତେକ କ୍ଷେତ୍ରରେ ଅଧିକ ଗତି ଆଣିବାର ଆବଶ୍ୟକତା ଅନୁଭୂତ ହୋଇଛି। ୧୫,୯୮୪ଟି ଆବେଦନ ମଧ୍ୟରୁ ୪୧% ସମୟସୀମା ମଧ୍ୟରେ ମଞ୍ଜୁର ହୋଇଥିବାବେଳେ ଅନ୍ୟାନ୍ୟ ବର୍ଗର ୩,୫୭୧ଟି ବିଲ୍ଡିଂ ପ୍ଲାନ ଆବେଦନ ମଧ୍ୟରୁ ୩୧% ନିର୍ଦ୍ଧାରିତ ସମୟରେ ମଞ୍ଜୁର ହୋଇଛି।

# ପ୍ରଦୂଷଣ ମୁକ୍ତ ପରିବେଶ

ଏପ୍ରିଲ ପହିଲାରୁ ଦେଶରେ ଇଥାନଲ ଯୁକ୍ତ ପେଟ୍ରୋଲ ବିକ୍ରୀକୁ ବାଧ୍ୟତାମୂଳକ କରାଯାଇଛି। ଏହା ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ପେଟ୍ରୋଲିୟମର ଆମଦାନୀ ହ୍ରାସ ସହିତ ପରିବେଶ ପ୍ରଦୁଷଣ ହ୍ରାସ ପାଇବ। ଶକ୍ତି ସଙ୍କଟର ମୁକାବିଲାରେ ଏହା ନିଶ୍ଚିତ ଭାବେ ସହାୟକ ହେବ। ଏଥିଲାଗି ଗ୍ରୀନ ଏନର୍ଜୀ ବ୍ୟବହାରକୁ ପ୍ରାଥମିକତା ଦିଆଯିବା ଉଚିତ। ବିଶ୍ୱ ବଜାରେ ଅଶୋଧିତ ତୈଳର ଦରବୃଦ୍ଧି ଏବଂ କିଛି ତୈଳ ସମୃଦ୍ଧ ରାଷ୍ଟ୍ରର ଏ କ୍ଷେତ୍ରରେ ଏକଚାଟିଆ କାରବାରରେ ବିଶ୍ୱବାସୀ ଅତିଷ୍ଠ ହେଲେଣି। ବାରମ୍ବାର ତୈଳ ଦର ବୃଦ୍ଧି ହେତୁ ଅର୍ଥନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେଉଛି। ମୁଦ୍ରାସ୍ଫୀତି ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ହେତୁ ସବୁ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢୁଛି ଏବଂ ଏହା ଫଳରେ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ ପାଉଛି। ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି। ସେହିପରି ଡିଜେଲର ବ୍ୟାପକ ବ୍ୟବହାର ଫଳରେ ବାୟୁ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଛି। ଡିଜେଲ ପରିବର୍ତ୍ତେ ସିଏନଜି ବ୍ୟବହାରକୁ ଏବେ ପ୍ରାଥମିକତା ଦିଆଯାଉଛି। ଏହା ବି ନ୍ୟାଚୁରାଲ ଗ୍ୟାସରୁ ଉତ୍ପନ୍ନ ହେଉଛି ଯାହା ସବୁ ଦେଶରେ ଉପଲବ୍ଧ ନୁହେଁ। ଏଥିପାଇଁ ଅନେକ ଦେଶ ନ୍ୟାଚୁରାଲ ଗ୍ୟାସ ଚଢ଼ା ଦରରେ ଆମଦାନୀ କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି କୋଇଲା ଆଉ ଏକ ଫସିଲ ଇନ୍ଧନ ଯାହା ଥର୍ମାଲ ପାୱାର ଉତ୍ପାଦନ ନିମନ୍ତେ ଆବଶ୍ୟକ। ଶିଳ୍ପ କ୍ଷେତ୍ରରେ କୋଇଲାର ବ୍ୟବହାର ବଢ଼ି ଚାଲିଛି। ୟୁକ୍ରେନ-ରଷିଆ ଯୁଦ୍ଧ ଆରମ୍ଭ ହେବା ପରେ କୋଇଲା ଦର ମଧ୍ୟ ବଢ଼ିଛି। ଫଳରେ କୋଇଲା ଆମଦାନୀ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। କୋଇଲାର ବ୍ୟାପକ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ବାୟୁ ପ୍ରଦୂଷଣ ଏଭଳି ଏକ ସ୍ଥିତିରେ ପହଞ୍ଚିଛି ଯେ, ଏହା ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ଏହା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ। ଅନିୟମିତ ବର୍ଷା, ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବଂ ବାରମ୍ବାର ଝଡ଼ବାତ୍ୟା ତଥା ମାତ୍ରାଧିକ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ବିଶ୍ୱ ସ୍ତରରେ ବାୟୁ ପ୍ରଦୂଷଣ ରୋକିବା, ଜଳବାୟୁ ପରବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ଏକ ପ୍ରକାର ଚାଲେଞ୍ଜରେ ପରିଣତ ହୋଇଯାଇଛି। ବାୟୁ ପ୍ରଦୂଷଣ ରୋକିବା ବା ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ମାତ୍ରା ହ୍ରାସ କରିବା ଲାଗି ଏବେ ଏକ ପ୍ରକାର ଜନଆନ୍ଦୋଳନ ଆରମ୍ଭ ହୋଇଛି। ଭାରତ ସରକାର ଏଥିପାଇଁ ଏକ ନିଜସ୍ୱ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲାଗି ଭାରତ ଲକ୍ଷ୍ୟ ରଖିଛି। ଏଥିପାଇଁ ଫସିଲ ବ୍ୟବହାରକୁ ହ୍ରାସ କରି ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି କରିବା ଏକମାତ୍ର ଉପାୟ। ଭାରତରେ ଏଥିଲାଗି ଏବେ ଯୁଦ୍ଧକାଳୀନ ପ୍ରୟାସ ଆରମ୍ଭ ହୋଇଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏଥିଲାଗି ପ୍ରୟାସ ଚାଲିଛି। କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଗ୍ରୀନ ଏନର୍ଜୀ ଉତ୍ପାଦନ ବୃଦ୍ଧି ଲାଗି ସରକାର ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ଅବଶ୍ୟ ଏଥିପାଇଁ ଆହୁରି ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏବେ ଭାରତରେ କେତେକ ଘରୋଇ କମ୍ପାନୀ ସୋଲାର ଏବଂ ୱିଣ୍ଡ ପାୱାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ଆହୁରି ଅନେକ ପ୍ରକଳ୍ପ ପାଇପଲାଇନରେ ରହିଛି। ଏ କ୍ଷେତ୍ରରେ ରିଲାଏନ୍ସ, ଆଦାନୀ ଏବଂ ଟାଟା ଭଳି କମ୍ପାନୀ ଅଗ୍ରଣୀ ଭୂମିକା ନେଉଛନ୍ତି। ଭାରତ ଭଳି ଏକ ବିଶାଳ ଦେଶରେ ସୋଲାର ଏବଂ ୱିଣ୍ଡ ପାୱାର ଉତ୍ପାଦନ ବୃଦ୍ଧି ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି। ଆଜି ପର୍ଯ୍ୟନ୍ତ ଏହାର ସଦୁପଯୋଗ ହୋଇପାରିନାହିଁ। ଏବେ ସମୟ ଆସିଛି ଏହାର ସଦୁପଯୋଗ କରି ଭାରତରେ ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟିକରିବାର।

# ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ୱଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୭୩୫୨୮

# ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬

# କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି । ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃର୍ଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶ୍ରୁତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକି ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା । ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।

ଭୁବନେଶ୍ୱର, ୟୁନିଟ-୪
ମୋ. ୯୬୯୨୨୨୫୦୫୭

## ବେଆଇନ ବାଲି ଡମ୍ପକୁ ନିଲାମ କଲା ଖଣି ବିଭାଗ

ହାଟଡିହି, (ମହାଭାରତ) : ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ବାଲି ସୌରତ ନିକଟରେ ବାଲି ନିଲାମ ଧାରି ମାନେ ସରକାରୀ ବାଲିକୁ ଡମ୍ପ କରି ତାହାକୁ ମାଧ୍ୟମ କରି ବହୁ ମାତ୍ର ବାଲି ବିକ୍ରି କରିବାକୁ ମନ ବଳାଇଥାନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଅପରେସନ ବୈତରଣୀ ମାଧ୍ୟମରେ ମାଫିଆଙ୍କୁ ଧରି ମାମଲା ରୁଜୁ କରିବା ପରେ ବେୟାଇନୀ ଡମ୍ପ ହୋଇଥିବା ବାଲି ଟ୍ରିପ୍ ଗୁଡ଼ିକ ଉପରେ ହୋଇଛି ଆହ୍ୱନ। ସେହିଭଳି ହାଟଡିହି ବ୍ଲକ ଗିରିଗାଁ ବାଲି ଖାଦାନ ନିକଟରେ ଗଚ୍ଛିତ ଥିବା ବାଲି ଉପରେ ପ୍ରସାଶନ ନେଇଛି ବଡ ଆହ୍ୱନ। ଏହାକୁ ରବିବାର ଦିନ ନିଲାମ ପ୍ରକ୍ରିୟା ଆରମ୍ଭ କରି ଗଚ୍ଛିତ ଥିବା ବାଲିର ସର୍ବାଧିକ ମୂଲ୍ୟ ୧୮୦୦ ଟଙ୍କା ପର ସିଏମ୍ ହିସାବରେ ଆନୁମାନିକ ୩୦୦ ସିଏମ ବାଲି ର ମୂଲ୍ୟ ପ୍ରାୟ ପାଞ୍ଚ ଲକ୍ଷ୍ୟ ଟଙ୍କାରୁ ଅଧିକ ଦାମ୍ ହେବ ବୋଲି ଜିଲ୍ଲା ଖଣି ସହଅଧିକାରୀ ସୂଚନା ଦେଇଥିଲେ। ଏହି ନିଲାମ ପ୍ରକ୍ରିୟା ରେ ୧୪ ଜଣ ନିଲାମ ଧାରୀ ସାମିଲ ହୋଇ ଥିବା ବେଳେ ଶରତ ଖୁଣ୍ଟିଆ ଙ୍କୁ ନିଲାମ ମିଳିଥିଲା। ଏହି ନିଲାମ ପ୍ରକ୍ରିୟା କୁ ସୁରୁଖରୁ ରେ ପରିଚାଳନା କରିବା ପାଇଁ ନନ୍ଦିପଦା ଥାନା କୁ ନୂଆ କରି ଆସିଥିବା କେନ୍ଦୁଝର ସଦର ଥାନାରୁ ଯୋଗ ଦେଇ ଥିବା ସବ୍ ଇନିସପେକ୍ଟର ପ୍ରବୋଧ ଚନ୍ଦ୍ର ମହାନ୍ତି ଜିଲ୍ଲା ଖଣି ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଯୁବକଙ୍କୁ ଗଳା କାଟି ହତ୍ୟା

ବ୍ରହ୍ମଗିରି(ମହାଭାରତ):- ବାଲିହରଚଣ୍ଡିଙ୍କ ମନ୍ଦିର ପାଖରେ ଗଳାକାଟି ହତ୍ୟା। ବାଲିହରଚଣ୍ଡି ମନ୍ଦିର ଠାରୁ ନରସିଂହପାଟଣା ଯିବାର ରାସ୍ତା କଡ଼ରେ ଜଣେ ଯୁବକଙ୍କୁ ଗଳା କାଟି ହତ୍ୟା କରାଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। ହତ୍ୟାର କାରଣ ଅସ୍ପଷ୍ଟ।

## ଦର୍ ବୃଦ୍ଧି ବିରୋଧରେ ରାଜ ରାସ୍ତାରେ ବିଜେଡି

ବ୍ରହ୍ମଗିରି, (ମହାଭାରତ) : ବ୍ରହ୍ମଗିରିରେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ରାଜ ରାସ୍ତାରେ ବିଜେଡି। ଡବଲ ଇଞ୍ଜିନ ସରକାର ସମୟରେ ପେଟ୍ରୋଲ,ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର୍ ବୃଦ୍ଧି ବିରୋଧରେ ଦେଲେ ନାରାବାଜି। ପେଟ୍ରୋଲ,ଡିଜେଲକୁ ଜି.ଏସ.ଟି ପରିସରକୁ ଆଣିବା ଏବଂ ଜୀବନ ଜୀବିକାକୁ ପ୍ରଭାବିତ କରୁଥିବା ଅତ୍ୟାବଶ୍ୟକ ସାମଗ୍ରୀର ଦରକୁ ସ୍ୱାଭାବିକ ଅବସ୍ଥାକୁ ଆଣିବା ପାଇଁ ସରକାରଙ୍କୁ ଦେଲେ ଚେତାବନୀ। ବ୍ରହ୍ମଗିରିର କଲେଜ ଛକ ଠାରେ ଦେଖିବାକୁ ମିଳିଥିଲା ବିକ୍ଷୋଭ। ସରକାର ଯଦି ଉକ୍ତ ଘଟଣାକୁ ବିଚାରକୁ ନନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଥିଲେ ବିଜୁଜନତା ଦଳର କର୍ମୀ। ଉକ୍ତ ବିକ୍ଷୋଭରେ ରାଜ୍ୟ ବିଜୁ ଯୁବ ଜନତା ଦଳର ବରିଷ୍ଠ ଉପସଭାପତି ଜୟନ୍ତ କୁମାର ମହାନ୍ତି ଏବଂ ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସମେତ ଅନେକ କର୍ମୀ ଯୋଗଦେଇଥିଲେ।

## ବରିଷ୍ଠ ଭକ୍ତ ଓ କୁଜଙ୍ଗ ସାରସ୍ୱତ ସଂଘର ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ନନ୍ଦଙ୍କ ପରଲୋକ

ପାରାଦୀପ/କୁଜଙ୍ଗ, (ମହାଭାରତ) : ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ମହାରାଜଙ୍କର ଜଣାଶୁଣା ଭକ୍ତ ତଥା କୁଜଙ୍ଗ ସାରସ୍ୱତ ସଂଘର ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ନନ୍ଦ (ନରୁଭାଇ) ଙ୍କ ମେ ୨୫ ତାରିଖ ସୋମବାର ଦିନ ତାଙ୍କ ସମାଗୋଳ ସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳେ ତାଙ୍କୁ ୭୦ ବ ବର୍ଷ ବୟସ ହୋଇଥିଲା। ସେ କୁଜଙ୍ଗ ସାରସ୍ୱତ ସଂଘର ସମ୍ପାଦକ ସହିତ ଜଗତସିଂହପୁର ଜିଲ୍ଲା ସାରସ୍ୱତ ସଂଘର ମଧ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ପାରାଦୀପ ଅଞ୍ଚଳର ଚକ୍ରଧରପୁର ସ୍ଥିତ ବାସୁଦେବ ବିଦ୍ୟାପୀଠରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୧୪ ମସିହାରେ ଅବସର ଗ୍ରହଣ କରିଥିଲେ। ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ସ୍ଥିତ ନୀଳାଚଳ ସାରସ୍ୱତ ସଂଘ ସହ



ଅନୁବନ୍ଧିତ କୁଜଙ୍ଗ ସାରସ୍ୱତ ଶାଖା ସଂଘର ଆଶ୍ରମ ନିର୍ମାଣ ଓ ବିଭିନ୍ନ ଗଠନ ମୂଳକ କାର୍ଯ୍ୟ ଓ ୨୦୨୫ ମସିହାରେ ଆୟୋଜି ୭୪ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ସଫଳ କରିବାରେ ତାଙ୍କର ଅବଦାନ ଅତ୍ୟନ୍ତ ସ୍ମରଣୀୟ ଥିଲା। ଗରିବ, ବିଧବା ଓ ଦୁର୍ବଳ ବର୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ, ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଗଛ ଚାରା ବଣ୍ଟନ, ଭକ୍ତମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରି ମେଧାବୀଙ୍କୁ ସମ୍ମାନିତ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ତାଙ୍କର ଅବଦାନ ନୀଳାଚଳ ସାରସ୍ୱତ ସଂଘର ଭକ୍ତମାନଙ୍କ ମନରେ ସଦା ସ୍ମରଣୀୟ ହୋଇ ରହିବ। ତାଙ୍କ ପରିବାରରେ ପତ୍ନୀ ନିଳିମା ନନ୍ଦ, ଜ୍ୟେଷ୍ଠ ପୁତ୍ର ପୂର୍ଣ୍ଣଚୈତନ୍ୟ ନନ୍ଦ, କନିଷ୍ଠ ପୁତ୍ର ଶକ୍ତିଚୈତନ୍ୟ ନନ୍ଦ, ଦୁଇ ବୋହୁ ଏବଂ ଜଣେ ନାତି ଅଛନ୍ତି। ତାଙ୍କର ଶବଦାହ ଜନ୍ମଗ୍ରାମର ଶ୍ମଶାନରେ ସମ୍ପନ୍ନ ହୋଇଥିଲା ଏବଂ ଜ୍ୟେଷ୍ଠ ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ନୀଳାଚଳ ସାରସ୍ୱତ ସଂଘ, ବୀରତୁଙ୍ଗ ର ସଭାପତି ଗଗନେନ୍ଦ୍ର ମହାପାତ୍ର, ପୂର୍ବତନ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, କେନ୍ଦ୍ର ମହିଳା ପରିଚାଳନା ମଣ୍ଡଳୀ ର ସଭାନେତ୍ରୀ ସୁବାସିନୀ ବେହେରା, ଉପସଭାନେତ୍ରୀ ସୁମିଳା ସାହୁ, ସଦସ୍ୟା ସୁଧାଂଶୁବାଳା ବେହେରା, ନିରୁପମା ବେହେରା, ଜିଲ୍ଲା ସାରସ୍ୱତସଂଘର ସଭାପତି ବୀରକିଶୋର ବାରିକ, ସହ ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକ ଅମରନାଥ ପରିଡ଼ା, କୁଜଙ୍ଗ ଶାଖା ସଂଘର ସଭାପତି ହରିହର ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଅସିତ ସାହୁ, କୁଜଙ୍ଗ ମହିଳା ସଂଘ ର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନନ୍ଦ ଓ ଜ୍ୟୋତିପ୍ରଭା ନନ୍ଦଙ୍କ ସମେତ ଭକ୍ତ ଜିତେନ୍ଦ୍ର ସାହୁ, କ୍ଷେତ୍ରବାସୀ ସ୍ୱାଇଁ, ଧର୍ମେନ୍ଦ୍ର ନାଥ ନନ୍ଦ, ରମାକାନ୍ତ ମିଶ୍ର, ସତ୍ୟସ୍ୱରୂପ ଦାଶ, ସତ୍ୟବ୍ରତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## କୁରାଙ୍ଗ ପ୍ରଧାନ ପଞ୍ଚାୟତରେ ବିଜେପିର ଶକ୍ତିକେନ୍ଦ୍ର ବୈଠକ

ବାରଙ୍ଗ, (ମହାଭାରତ): ବିଜେପି ଦଳର କେନ୍ଦ୍ର ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ଶକ୍ତିକେନ୍ଦ୍ର ସ୍ତରୀୟ ଏକ ମାସିକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କୁରାଙ୍ଗ ପ୍ରଧାନ ପଞ୍ଚାୟତ ସଭାପତି ଅମୀୟ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହି ସଭାରେ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷର



ଶାସନକାଳ ମଧ୍ୟରେ ଜନସାଧାରଣଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ସୁ-ଶାସନ ଓ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଫଳ ଯୋଜନାଗୁଡ଼ିକୁ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ କିଭଳି ସଠିକ୍ ଭାବେ ପହଞ୍ଚାଯାଇପାରିବ, ସେ ନେଇ ରଣନୀତି ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଜନସାଧାରଣଙ୍କ ସହ ସିଧାସଳଖ ଯୋଗାଯୋଗ ରଖିବା ସହିତ ବୁଥ୍ ସ୍ତରରେ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଏହି ଅବସରରେ ସଂକଳ୍ପ ନିଆଯାଇଛି। ଏହା ସହିତ ଆସନ୍ତା ମାସ ୩୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କି ବାତ୍' କୁ ସମସ୍ତେ ମିଶି ସୁରୁଖୁରୁରେ ଶୁଣିବା ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମର ଶେଷରେ, ଏହି ଶକ୍ତିକେନ୍ଦ୍ର ବୈଠକକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭାପତି ଅମୀୟ କୁମାର ସ୍ୱାଇଁଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ବିଜେଡି ପକ୍ଷରୁ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ : ବିଞ୍ଚଣା ହଲାଇ ଜୋରଦାର ପ୍ରତିବାଦ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅଭିନବ ଢ଼ଙ୍ଗରେ ପ୍ରତିବାଦ ସହ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛି ବିଜୁ ଜନତା ଦଳ। ହାତରେ ବିଞ୍ଚଣା ଧରି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ପଠାଣି ସାମନ୍ତ ପ୍ରେକ୍ଷାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ବିଜୁ ଜନତା ଦଳର ନେତା ଓ କର୍ମୀ ମାନେ ରାସ୍ତାରେ ବିଞ୍ଚଣା ହଲାଇ ପ୍ରତିବାଦ କରିଥିଲେ। ଟିପିସିଓଡିଏଲ୍ କାର୍ଯ୍ୟାଳୟ ଆଗରେ ଜୋରଦାର ପ୍ରତିବାଦ କରାଯାଇଥିଲା। ରାଜ୍ୟରେ ୨୦ ହଜାର ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ସରକାର ବଳକା ବିଜୁଳିକୁ ଅନ୍ୟ ରାଜ୍ୟକୁ କମ୍ ଦରରେ ବିକ୍ରି କରୁଛନ୍ତି, ରାଜ୍ୟର ଜନସାଧାରଣ ଙ୍କୁ ୟୁନିଟ୍ ପିଛା ଅଧିକ ଦରରେ ଯୋଗାଉଛନ୍ତି। ବିଜେପି ସରକାର ଘୋଷଣା କରିଥିବା ୩ ଶହ ୟୁନିଟ୍ ମାଗଣା ବିଜୁଳି କୁଆଡ଼େ ଗଲା ବୋଲି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରଶ୍ନ କରିଥିଲେ। ରାଜ୍ୟ




ସରକାରଙ୍କ ଅପରଗତା ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ବିଜୁଳି କାଟ ହେବ ନାହିଁ ବୋଲି ଘୋଷଣା କରିଥିବା ବେଳେ ଏବେ ପରିସ୍ଥିତି ଭୟଙ୍କର ହୋଇଛି। ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀ ମାନେ ବିଦ୍ୟୁତ୍ ବିଭ୍ରାଟ କାରଣରୁ ନାହିଁ ନଥିବା ହଇରାଣ ହେଉଛନ୍ତି। ଭାରପ୍ରାପ୍ତ ଟାଟା ପାୱାର ଯେଉଁଭଳି ଖାମଖିଆଲି ଢଙ୍ଗରେ ବିଜୁଳି ଶକ୍ତି ପରିଚାଳନା କରି ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଘୋର ସଙ୍କଟ ଭିତରକୁ ଠେଲୁଛି। ବିଜୁ ଜନତା ଦଳ ଏହାର ଦୃଢ଼ ନିନ୍ଦା କରିବା ସହିତ ତୁରନ୍ତ ଏହାର ପ୍ରତିକାର ପାଇଁ ଦାବୀ ରଖିଛି। ସ୍ମାର୍ଟ ମିଟର ବସାଇ ଅଘୋଷିତ ଭାବରେ ରାତି ଅଧିଆ ଲାଇନ କାଟି ଦେବା ନିନ୍ଦନୀୟ। ଟାଟା ପାୱାର ମରାମତି ଆଳରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବିଜୁଳି କାଟିବା, ଉପଭୋକ୍ତାଙ୍କୁ ଅନ୍ଧାରରେ ରଖିବା, ଲୋ-ଭୋଲଟେଜ୍ ସମସ୍ୟା ସୃଷ୍ଟିକରି ଲକ୍ଷ ଲକ୍ଷ ଟଙ୍କାର ମୋଟର, କମ୍ପୁଟରକୁ ପୋଡି ଅଚଳ କରିଦେବା, ରୋଗୀ, ବୃଦ୍ଧ, ଶିଶୁଙ୍କୁ ଗରମରେ ସଢ଼ାଇ ମାରିବା, ସ୍ୱାସ୍ଥ୍ୟକେନ୍ଦ୍ର ଓ ପାନୀୟ ଜଳ ଯୋଗାଣରେ ଅଚଳାବସ୍ଥା ସୃଷ୍ଟି ହେବା, ଅଫିସ ଦପ୍ତରର କମ୍ପ୍ୟୁଟରକୁ ନିକମା କରି ଲୋକଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବା ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଆଜି ବିଜୁ ଜନତା ଦଳ ବିକ୍ଷୋଭ ପ୍ରଦର୍ଶନ କରିଛି। ଯଦି ସରକାରଙ୍କ ନିଦ ନଭାଙ୍ଗେ ଆଗାମୀ ଦିନରେ ଜୋରଦାର ବିରୋଧ ହେବ ବୋଲି ବିଧାୟକ କହିଛନ୍ତି। ଏହା ସହିତ ବିଜେପି ସରକାର ତିନି ଶହ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରୁ ବୋଲି ଦାବି କରିଛନ୍ତି। ନିରନ୍ତର ବିଦ୍ୟୁତ୍ ଯୋଗାଣ, ୩ ଶହ ୟୁନିଟ୍ ମାଗଣ ବିଦ୍ୟୁତ୍, ମାତ୍ରାଧିକ ଦେୟ ଆଦାୟ କମାଇବା, କୃଷି କ୍ଷେତକୁ ମାଗଣ ବିଦ୍ୟୁତ୍ ଯୋଗାଣ ପାଇଁ ନୟାଗଡ଼ ବିଧାୟକ ଦାବି ରଖିଛନ୍ତି। ବିକ୍ଷୋଭ ପରେ ଏକ ପ୍ରତିନିଧି ମଣ୍ଡଳୀ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଜୋରଦାର ବିରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ପୌରାଞ୍ଚଳ ସଭାପତି ଦାଶରଥି ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ କହଁର, ମହିଳା ବିଜେଡି ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଓ ସାଧାରଣ ଲୋକ ସାମିଲ ହୋଇଥିଲେ।

## କାଳବୈଶାଖୀ ତାଣ୍ଡବରେ ଜଣେ ମୃତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ସୋମବାର ଅପରାହ୍ନରେ ହଠାତ୍ ଆସିଥିବା କାଳବୈଶାଖୀ ଝଡ଼ ଓ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ମାତ୍ର ୩୦ ମିନିଟ ଧରି ଚାଲିଥିବା ଝଡ଼ରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଝଡ଼ର ପ୍ରଭାବରେ ବହୁ ଘରର ଛାତ ଉଡିଯାଇଥିବା ସହ ବହୁ ଗଛ ଭାଙ୍ଗି ପଡ଼ିଥିବାରୁ ସମଗ୍ର ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଖଡବନ୍ଧ ପଞ୍ଚାୟତର ମଜୁରାପଶି ଗ୍ରାମର ଦୂର୍ଜଧନ ପାତ୍ରଙ୍କ ଘରେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଥିବା ସମୟରେ ପ୍ରବଳ ବାତ୍ୟା ଯୋଗୁଁ ଘରର ଆଜବେଷ୍ଟ ଛାତ ଉଡ଼ିଯାଇଥିଲା। ପରିବାର ସଦସ୍ୟମାନେ ନିକଟସ୍ଥ ଅନ୍ୟ ଘରକୁ ଦୌଡ଼ି ଯାଉଥିବା ବେଳେ ହଠାତ୍ ଏକ ବଡ଼ ଡାଳ ମା' ଓ ଝିଅଙ୍କ ଉପରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ୧୨ ବର୍ଷୀୟା ସ୍ୱତି ପାତ୍ରଙ୍କୁ ମୃତ ଘୋଷଣା କରିଥିଲେ।

## କାଳବୈଶାଖୀ ବର୍ଷା ପବନ ପ୍ରଭାବରେ ଭାଙ୍ଗିଲା ଘର : ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକ

ସେମିଳିଗୁଡ଼ା, (ମହାଭାରତ) : କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ପରଜା ମୁଠାଇ ପଞ୍ଚାୟତର ପାଟଖମରା ଗ୍ରାମର ବଳରାମ ଖିନବୁଡ଼ି ସ୍ତ୍ରୀ ରୁକୁନା ଖିନବୁଡ଼ିଙ୍କ ଘର କାଳବୈଶାଖୀ ପ୍ରଭାବରେ ପବନ ଓ ବର୍ଷା ହୋଇ ଦୁଇ ଜଣଙ୍କ ଘର ସୋମବାର ନଷ୍ଟ ହୋଇଛି। ପାଟଖମରା ଗ୍ରାମର ବଳରାମ ଖିନବୁଡିଙ୍କ ଘର ଆଜବେଷ୍ଟଶ ଛପର ଉଡ଼ିଯାଇ ଭାଙ୍ଗିଯାଇ ଥିବା ଦେଖିବାକୁ ମିଳିଛି। ଅନ୍ୟ ଘର ବାରଣ୍ଡାରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ସେମାନେ ବର୍ଷକ ପାଇଁ ସାଇତି କରି ରଖିଥିବା ଧାନ, ମାଣ୍ଡିଆ, ଅମଳ ଖାଦ୍ୟଶସ୍ୟ ବର୍ଷାରେ ଭିଜି ନଷ୍ଟ ହୋଇଥିବା କହିଛନ୍ତି। ଗୋଟିଏ ପରିବାରର ସଦସ୍ୟ ଦୁଇ ପୁଅ ଏବଂ ଦୁଇ ଝିଅ ଅପରାହ୍ନ ୨ଟା ସମୟରେ ଘରେ ଥିବା ବେଳେ ହଠାତ ପ୍ରବଳ ବର୍ଷା ଗଡ଼ଗଡ଼ି ସହ ପବନ ହେବ ଯୋଗୁଁ ଘର




ସିଟ ଖସିପଡିଥିଲା। ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ଘର ଭାଙ୍ଗିଯିବା ପରେ ଏବେ କେଉଁଠି ରହିବେ। ତାକୁ ନେଇ ଚିନ୍ତାରେ ପରିବାର। ଘରେ ଏପରି ଘଟଣା ଘଟିଛି। ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଘର ଭିତରେ ଥିବା ଜିନିଷ ସମ୍ପୂର୍ଣ୍ଣ ଭାଙ୍ଗିଯିବାରେ ଜଣାପଡ଼ିଛି। ଆବାସ ଯୋଜନାରେ ଘର ଖଣ୍ଡେ ମିଳିପାରିନଥିବା ଅଭିଯୋଗ କରିଛନ୍ତି କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ଉଭୟ ପରିବାରଙ୍କୁ ଘର ଯୋଗାଇବା ସହ ପ୍ରାଥମିକତା ଭିତ୍ତିରେ ଖୁବ୍ ଶୀଘ୍ର ଆବାସ ଗୃହ ଯୋଗାଇବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି।

## କଣିହାଁ ଅନୁସୂଚିତ ଜାତି-ଜନଜାତି ସଂଘର ବୈଠକ ଅନୁଷ୍ଠିତ

କଣିହାଁ, (ମହାଭାରତ) : ରବିବାର ସନ୍ଧ୍ୟା ୫ ଘଟିକା ସମୟରେ ସମଲ ସ୍ଥିତ ସରକାରୀ ଅତିଥି ଭବନରେ କଣିହାଁ ଅନୁସୂଚିତ ଜାତି-ଜନଜାତି ସଂଘର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ପଞ୍ଚାୟତ ସ୍ତରରେ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେନେଇ ବିଶେଷ ଚର୍ଚ୍ଚା ହୋଇଥିଲା। ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଦୁଇଜଣ ସକ୍ରିୟ କର୍ମୀଙ୍କୁ ବାଛି ପ୍ରତ୍ୟେକ ପଞ୍ଚାୟତରେ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସର୍ବସମ୍ମତିକ୍ରମେ ଆସନ୍ତା ଜୁନ ୨୧ ତାରିଖ ରବିବାର କଣିହାଁ, ବିଜିଗୋଳ ଓ କମରେଇ ପଞ୍ଚାୟତରେ ସଦସ୍ୟମାନଙ୍କୁ ନେଇ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସଂଘର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ମାସିକ ୫୦ ଟଙ୍କା ସଦସ୍ୟ ଶୁଳ୍କ ଆଦାୟ କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ସଂଘର ସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ପାଦକ ଅରୁଣ କୁମାର ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ଜ୍ୟୋତିର୍ମୟୀ ନାଏକ,ରଥ ଚମ୍ପୁଆ (ଏସ୍‌ଟି ସେଲ୍), ବିଜୟ କୁମାର ବେହେରା, ବିଜୟ କୁମାର ନାଏକ, ରାଜେନ୍ଦ୍ର ପ୍ରସାଦ ନାଏକ, ସାଗର ସେଠୀ, ପ୍ରମୋଦ କୁମାର ବେହେରା ଓ ବଳଭଦ୍ର ନାଏକ ଅନୁକୂଳ ନାଏକଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସଂଘର ସାଙ୍ଗଠନିକ ସୁଦୃଢ଼ତା ସହ ବିଭିନ୍ନ ସାମାଜିକ ଓ ସଂଗଠନାତ୍ମକ ବିଷୟରେ ଆଲୋଚନା କରାଯାଇଥିଲା।

## ପାରାଦୀପ ବନ୍ଦରରେ ସର୍ବାଧିକ ପଣ୍ୟ ପରିଚାଳନା ପାଇଁ ଓଏସଏଲ କୁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ଆୱାର୍ଡ




ପାରାଦୀପ, (ମହାଭାରତ) : ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ) ଭାରତର ପ୍ରମୁଖ ପାରାଦୀପ ବନ୍ଦରରେ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ପରିମାଣର ପଣ୍ୟ ପରିଚାଳନା ପାଇଁ ଶ୍ରେଷ୍ଠ ଷ୍ଟିଭେଡୋର୍ସ ହେବାର ଗୌରବ ହାସଲ କରି ଏହାର ଉଲ୍ଲେଖନୀୟ ଉତ୍କର୍ଷତା ଐତିହ୍ୟକୁ ଜାରି ରଖିଛି। ୨୦ ମଇ ୨୦୨୬ରେ ପାରାଦୀପର ମେଫେୟାର ବେ ରିସର୍ଟରେ ଆୟୋଜିତ ବାର୍ଷିକ ଷ୍ଟେକହୋଲ୍‌ଡର୍ସ ମିଟ୍ ଏବଂ ପୁରସ୍କାର ଉତ୍ସବ ୨୦୨୬ରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ଦ୍ୱାରା ଓଏସଏଲକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଫଳତା ହାସଲ ପରେ, ଓଏସଏଲ ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଏବଂ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଓଏସଏଲ ଟିମ ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ।

## ସଂସଦରେ ପାରିତ ହୋଇଥିବା ମହିଳା ବନ୍ଦନ ବିଲ୍ ଲାଗୁ କରିବା ଦାବୀରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ପାରାଦୀପ, (ମହାଭାରତ) : ସଂସଦରେ ପାରିତ ହୋଇଥିବା ମହିଳା ବନ୍ଦନ ବିଲ୍‌କୁ ତୁରନ୍ତ ଲାଗୁ କରିବା ଦାବୀରେ ସମଗ୍ର ଦେଶରେ ଜାତୀୟ କଂଗ୍ରେସ୍ ପକ୍ଷରୁ ମଶାଲ ଶୋଭାଯାତ୍ରା ଜାରୀ ରହିଛି। ଏହି କ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି, ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ଆହ୍ୱାନରେ ପାରାଦୀପ ନଗର କଂଗ୍ରେସ୍ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ରବିବାର ଦିନ ସଂନ୍ଧ୍ୟାରେ ଆୟୋଜିତ ହୋଇଥିଲା। ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳଙ୍କ ନେତୃତ୍ୱରେ ପାରାଦୀପ ଅଂଚଳର ଶତାଧିକ ମହିଳା କର୍ମୀ, ରାଜ୍ୟସ୍ତରୀୟ ମହିଳା ନେତ୍ରୀମାନେ ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସଂସଦର ଉଭୟ ଗୃହରେ ମହିଳା ବନ୍ଦନ ବିଲ୍ ପାରିତ ହୋଇ ପଡି ରହିଛି। ବିଜେପି ସରକାର ମିଛ କଥା କହି ଲୋକଙ୍କୁ ଭ୍ରମିତ କରିବା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ନଗର କଂଗ୍ରେସ୍ ସଭାପତି ଶ୍ରୀ ବିଶ୍ୱାଳ କହିଛନ୍ତ। ନିଜ ସୁବିଧାକୁ ଆଳ କରି ବିଜେପି ସରକାର ଏହି ବିଲ୍‌କୁ ଲାଗୁ କରୁନାହିଁ। ସେତେବେଳେ ଜାତୀୟ କଂଗ୍ରେସ୍ ଏହି ବିଲ୍‌କୁ ସମର୍ଥନ ଦେବା ପରେ ଏହା ଉଭୟ ଗୃହରେ ପାରିତ ହୋଇଥିଲା ଏହାକୁ ତୁରନ୍ତ




ଲାଗୁ କରିବା ପାଇଁ ସେ ଦାବୀ କରିଥିଲେ। ଏହି ଶୋଭାଯାତ୍ରାରେ ମହିଳା କଂଗ୍ରେସ୍ ରାଜ୍ୟ କର୍ମକର୍ତ୍ତା ବିନତୀ ପଢିହାରୀ, ଅନ୍ନପୂର୍ଣ୍ଣା ଦାସ, ଧରିତ୍ରୀ ସାମଲ, ପୁଷ୍ପା ଦାସ, ଶିବାନୀ ମଣ୍ଡଳ ପ୍ରମୁଖ ଯୋଗ କେନ୍ଦ୍ର ସରକାର ୨୦୨୯ ନିର୍ବାଚନ ପୂର୍ବରୁ ଏହି ବିଲ୍‌କୁ ଲାଗୁ କରିବାକୁ ଦାବୀ କରିଥିଲେ।

## ଜନଗଣନା ପ୍ରଶ୍ନଓବଳୀରେ ଓବିସି ଯୋଡିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ

ସମ୍ବଲପୁର, (ମହାଭାରତ) : ଜଳଗଣନା ପ୍ରଶ୍ନଓବଳୀରେ ଓବିସି ଯୋଡିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ ଓ ସମ୍ବଲପୁର, ୨୫/୦୫: ଚଳିତ ଜନଗଣନା ପ୍ରଶ୍ନଓବଳୀର ୧୨ ନମ୍ବର (ଯାହା ଓଡିଶା ରାଜ୍ୟରେ ୧୩ ନମ୍ବର) ପ୍ରଶ୍ନରେ ଓବିସି ଗଣନାର କୌଣସି ଉଲ୍ଲେଖ ନାହିଁ। ଅର୍ଥାତ୍ ସରକାର ଓବିସିଙ୍କ ଗଣନା କରୁ ନାହାନ୍ତି। ଏହା ହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ। ଭାରତର ସର୍ବବୃହତ ଏହି ପଛୁଆ ବର୍ଗ(ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କର ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ। ସେମାନେ ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି। ଓଡିଶା ରାଜ୍ୟରେ ଓବିସି ମାନେ ଶିକ୍ଷା, ଚାକିରୀ ଏପରି କି ପଂଚାୟତିରାଜରେ ବି ସମାନୁପାତିକତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି। ଏହା ସ୍ପଷ୍ଟ ଯେ, ଓବିସିଙ୍କ ଜାତି ଜନଗଣନା ତଥ୍ୟ ବିନା ପଛୁଆ ବର୍ଗଙ୍କ ବିକାଶ ଅସମ୍ଭବ। କେନ୍ଦ୍ର ସରକାର ଗତ ୩୦ ଏପ୍ରିଲ ୨୦୨୫ କେବିନେଟ ବୈଠକରେ ଜାତି ଜନଗଣନା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ମାତ୍ର ଚଳିତ ଜଳଗଣନା ପ୍ରଶ୍ନଓବଳୀରେ ଓବିସି ଗଣନା ର କୌଣସି ଉଲ୍ଲେଖ ନାହିଁ ଓ ଏହି ମର୍ମରେ ସୋମବାର ଜିଲ୍ଲା ଓବିସି ମଞ୍ଚ ରେଙ୍ଗାଲି ବ୍ଲକ ଶାଖା ପକ୍ଷରୁ ଜଳଗଣନା ପ୍ରଶ୍ନଓବଳୀରେ ଓବିସି ଯୋଡିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ଅତିରିକ୍ତ ତହସିଲଦାର ଶ୍ରୀ କିଶୋର ସାହୁ ଦାବି ପତ୍ର ଗ୍ରହଣ କରିଥିଲେ ଓ ଏହି ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମଞ୍ଚ ସଭାପତି ଶ୍ରୀ ଶଙ୍କର ପାତ୍ର ଏବଂ ସାଧାରଣ ସମ୍ପାଦକ ଶ୍ରୀ ହୀରାଲାଲ ବେହେରା ଯୋଗଦାନ କରି ଏକ ଲୋକତାନ୍ତ୍ରିକ ସରକାର ଦେଶର ମୋଟ ସଂଖ୍ୟାର ୫୨% ଓବିସି ଜାତି- ସମୂହଙ୍କ ସାମାଜିକ ନ୍ୟାୟକୁ ହୃଦୟଙ୍ଗମ କରି ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ ଯୋଡିବେ ବୋଲି ଦୃଢ ଆଶାବାଦୀ ଅଛୁ ବୋଲି ପ୍ରକାଶ କରିଛନ୍ତି ଓ ରେଙ୍ଗାଲି ବ୍ଲକ ର ଓବିସି କର୍ମୀ ଶ୍ରୀ କିରଣ ବେହେରା, ସତ୍ୟନାରାୟଣ ଅଗ୍ରୱାଲ,ଜିଲ୍ଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, ବିଶିଷ୍ଟ ଓବିସି କର୍ମୀ ସର୍ବଶ୍ରୀ କୃପାସିନ୍ଧୁ ଖମାରି, ନରେଶ ମାହାନା, ଯତୀନ୍ଦ୍ର କୁମାର ପ୍ରଧାନ, ସୁନୀଲ ପ୍ରଧାନ, ଦିନେଶ ମାହାନା, ମନୋରଞ୍ଜନ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ ଙ୍କ ସମେତ ରେଙ୍ଗାଲି ବ୍ଲକ ର ବହୁ ଜାତି ସମ୍ପ୍ରଦାୟ ଏବଂ ଓବିସି କର୍ମୀ ଉପସ୍ଥିତ ଥିଲେ ୨୫ /୦୫/୨୫: ଚଳିତ ଜନଗଣନା ପ୍ରଶ୍ନଓବଳୀର ୧୨ ନମ୍ବର (ଯାହା ଓଡିଶା ରାଜ୍ୟରେ ୧୩ ନମ୍ବର) ପ୍ରଶ୍ନରେ ଓବିସି ଗଣନାର କୌଣସି ଉଲ୍ଲେଖ ନାହିଁ। ଅର୍ଥାତ୍ ସରକାର ଓବିସିଙ୍କ ଗଣନା କରୁ ନାହାନ୍ତି। ଏହା ହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ। ଭାରତର ସର୍ବବୃହତ ଏହି ପଛୁଆ ବର୍ଗ(ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କର ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ। ସେମାନେ ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି। ଓଡିଶା ରାଜ୍ୟରେ ଓବିସି ମାନେ ଶିକ୍ଷା, ଚାକିରୀ ଏପରି କି ପଂଚାୟତିରାଜରେ ବି ସମାନୁପାତିକତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି। ଏହା ସ୍ପଷ୍ଟ ଯେ, ଓବିସିଙ୍କ ଜାତି ଜନଗଣନା ତଥ୍ୟ ବିନା ପଛୁଆ ବର୍ଗଙ୍କ ବିକାଶ ଅସମ୍ଭବ। କେନ୍ଦ୍ର ସରକାର ଗତ ୩୦ ଏପ୍ରିଲ ୨୦୨୫ କେବିନେଟ ବୈଠକରେ ଜାତି ଜନଗଣନା କରା?ଯିବ ବୋଲି ପ୍ରତିଶୃତି ଦେଇଛନ୍ତି ମାତ୍ର ଚଳିତ ଜଳଗଣନା ପ୍ରଶ୍ନଓବଳୀରେ ଓବିସି ଗଣନା ର କୌଣସି ଉଲ୍ଲେଖ ନାହିଁ ଓ ଏହି ମର୍ମରେ ସୋମବାର ଜିଲ୍ଲା ଓବିସି ମଞ୍ଚ ରେଙ୍ଗାଲି ବ୍ଲକ ଶାଖା ପକ୍ଷରୁ ଜଳଗଣନା ପ୍ରଶ୍ନଓବଳୀରେ ଓବିସି ଯୋଡିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ଅତିରିକ୍ତ ତହସିଲଦାର ଶ୍ରୀ କିଶୋର ସାହୁ ଦାବି ପତ୍ର ଗ୍ରହଣ କରିଥିଲେ ଓ ଏହି ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମଞ୍ଚ ସଭାପତି ଶ୍ରୀ ଶଙ୍କର ପାତ୍ର ଏବଂ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଯୋଗଦାନ କରି ଏକ ଲୋକତାନ୍ତ୍ରିକ ସରକାର ଦେଶର ମୋଟ ସଂଖ୍ୟାର ୫୨% ଓବିସି ଜାତି- ସମୂହଙ୍କ ସାମାଜିକ ନ୍ୟାୟକୁ ହୃଦୟଙ୍ଗମ କରି ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ ଯୋଡିବେ ବୋଲି ଦୃଢ ଆଶାବାଦୀ ଅଛୁ ବୋଲି ପ୍ରକାଶ କରିଛନ୍ତି ଓ ରେଙ୍ଗାଲି ବ୍ଲକ ର ଓବିସି କର୍ମୀ କିରଣ ବେହେରା, ସତ୍ୟନାରାୟଣ ଅଗ୍ରୱାଲ,ଜିଲ୍ଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, ବିଶିଷ୍ଟ ଓବିସି କର୍ମୀ ସର୍ବଶ୍ରୀ କୃପାସିନ୍ଧୁ ଖମାରି, ନରେଶ ମାହାନା, ଯତୀନ୍ଦ୍ର କୁମାର ପ୍ରଧାନ, ସୁନୀଲ ପ୍ରଧାନ, ଦିନେଶ ମାହାନା, ମନୋରଞ୍ଜନ ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ ଙ୍କ ସମେତ ରେଙ୍ଗାଲି ବ୍ଲକ ର ବହୁ ଜାତି ସମ୍ପ୍ରଦାୟ ଏବଂ ଓବିସି କର୍ମୀ ଉପସ୍ଥିତ ଥିଲେ।

## ମୀନକେତନ ସରକାରୀ ଉଚ୍ଚବିଦ୍ୟାଳୟ ଉଦଯାପନୀ ଉତ୍ସବ

ହିନ୍ଦୋଳ(ମହାଭାରତ): ଢେଙ୍କାନାଳଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ଉପଖଣ୍ଡ ବାବନ୍ଧ ମୀନକେତନ ସରକାରୀ ଉଚ୍ଚବିଦ୍ୟାଳୟର ୫୦ତମ ବାର୍ଷିକ ଉତ୍ସବ ପାଳିତ ହେବାସହ ଆଜି ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରିଷ୍ଠ ବିଜେଡି ବିଧାୟକ ବ୍ରଜକିଶୋର ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ବିଜେଡିନେତା ପୂର୍ବତନ ସାଂସଦ ତଥା ବିଧାୟକ ମହେଶ ସାହୁ ଯୋଗଦେଇ ଏହି ସ୍କୁଲର ୫୦ବର୍ଷର ସଫଳଯାତ୍ରା ଏବଂ ଶିକ୍ଷାପାଇଁ କିପରି ଦେଶସମାଜ ଗଠନ ହୁଏ ଉଭୟ ଅତିଥି ଉଦବୋଧନ ଦେବାସହ ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଜେଡିନେତା ପୂର୍ବତନ ବିଧାୟକ ସୁଧୀର ସାମଲ,ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ,ହିନ୍ଦୋଳ ବ୍ଲକଅଧ୍ୟକ୍ଷା ସସ୍ମିତାରାଣୀ ନାୟକ,ଓଡାପଡା ପିଏସ ମହାବିଦ୍ୟାଳୟ ଅଧ୍ୟାପକ ଡ଼ଃ ଦିନାନାଥ ଦାସ,କୁଟୁଣିଆ ସମିତିସଭ୍ୟ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ସର୍ବବୃହତ ପୁରାତନ ସ୍କୁଲର ସୁବର୍ଣ୍ଣଜୟନ୍ତୀ ଅବସରରେ ସ୍କୁଲର ପରିଚାଳନା,ଶିକ୍ଷିକ ପରିବେଶ,ଶିକ୍ଷାଦାନଙ୍କୁ ଅତିଥିମାନେ ଭୁୟସୀ ପ୍ରଶଂସା କରିବାସହ ବିଦ୍ୟାଳୟ କିପରି ଶିକ୍ଷା କ୍ଷେତ୍ରରେ ଆଗକୁ ଦେଶ ସମାଜର ଗଠନ ପ୍ରମୁଖ ଭୂମିକା ନେବ ସେଥିପାଇଁ ପ୍ରେରଣା ଦେଇଥିଲେ ।ତେବେ ସମଗ୍ର ଉତ୍ସବରେ ବହୁପୁରାତନ ଛାତ୍ର, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଏବଂ ଅଭିଭାବକ ମାନେ ଯୋଗଦେଇଥିଲେ ।ଉଦଯାପନୀ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାସହ ବିଭିନ୍ନ ଶିକ୍ଷୟଣୀୟ ଷ୍ଟଲସବୁ ପ୍ରସ୍ତୁତ ହୋଇଥିଲା ଯାହାକି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାତ୍ମକ ଗୁଣକୁ ସୂଚାଇ ଦେଇଥିଲା ।

## ଜୀବ ବିବିଧତା ସପ୍ତାହ ପାଳିତ



ପାଟଣା(ମହାଭାରତ):କେନ୍ଦୁଝର ଜିଲ୍ଲା ବାଂଶପାଳ ରେ ସପ୍ତାହ ଟି ନିଶ୍ଚୟ ଭାବେ ଅତ୍ୟନ୍ତ ସ୍ମରଣୀୟ ରହିଲାୟ ପରିବେଶ ସୁରକ୍ଷା,ସ୍ଥାୟୀ ଜୀବନ ଓ ପ୍ରକୃତି ସହ ଶାନ୍ତିପୂର୍ଣ୍ଣ ସହ ଅବସ୍ଥାନର ସନ୍ଦେଶ ନେଇ ଗ୍ରାମ ସମୁଦାୟ ଏକତ୍ରିତ ହୋଇ ଆମ ମୂଲ୍ୟବାନ ଜୀବ ବିବିଧତା ଓ ପାରମ୍ପରିକ ଜ୍ଞାନ କୁ ଉତ୍ସବ ଭାବେ ପାଳନ କଲେ । ଅତିଥି ଭାବେ ଯଶୋଦା ଦେହୁରୀ,ସରପଞ୍ଚ,ଯାତ୍ରା ଜିପି ନୟନ କାନ୍ତ ସାହୁ,ବନ ବିଭାଗ ଅମୂଲ୍ୟ କୁମାର ମହାନ୍ତ,ଜୀବ ବିବିଧତା ସମନ୍ୱୟ କାରୀ ଓ ଯାତ୍ରା ପିଇଓ ଶ୍ରସସ୍ୱତିକ ତ୍ରିପାଠୀ ବିଏଲଟି ସମନ୍ୱୟ କାରୀ ରଶ୍ମି ରଞ୍ଜନ ସାହୁ ୱାସନ୍ ସମନ୍ୱୟକାରୀ ଭବାନୀ,ଜୀତା ବ୍ଲକ ସମନ୍ୱୟ କାରୀ ପ୍ରିୟଙ୍କା ମିଶ୍ର,ବିଏଓମାନସ କୁମାର ଦେହୁରୀ,ବଂଶପାଳ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ଦେହୁରୀ,ସାଗରପୁର ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି,ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ଏଫଇଏସ୍ ସମୁଦାୟ ଆଲୋଚନା ଓ ପ୍ରମୁଖ କାର୍ଯ୍ୟକ୍ରମ ଲୁପ୍ତପ୍ରାୟ ଓ ବିଲୁପ୍ତ ହେଉଥିବା ପ୍ରଜାତିଙ୍କ ସୁରକ୍ଷା ବନ୍ୟଜୀବ ଓ ସ୍ଥାନୀୟ ପକ୍ଷୀମାନଙ୍କ ସୁରକ୍ଷା ନେଇ ଗଭୀର ଆଲୋଚନା ହେଲା, କାରଣ ପରିବେଶ ପରିବର୍ତ୍ତନ ଓ ବାସସ୍ଥାନ ହାନି ଦ୍ୱାରା ଅନେକ ପ୍ରଜାତି ଧୀରେ ଧୀରେ ଅଦୃଶ୍ୟ ହେଉଛନ୍ତି ।

## ପ୍ରଚଣ୍ଡ ରୌଦ୍ର ତାପରେ ତ୍ରାଣକର୍ତ୍ତା ସାଜିଲେ ସ୍ୱେଚ୍ଛାସେବୀ



ଗଜପତି: ଗତ କିଛିଦିନ ହେବ ପ୍ରବଳ ରୌଦ୍ରତାପ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହି ସମୟରେ ଦେବଦୂତ ସାଜି ଅଖିଳ ଭାରତୀୟ ମାନବ ଅଧିକାର ପରିଷଦର ଲକ୍ଷ୍ମୀକାନ୍ତ ପାଢ଼ୀ ଓ କୁମାର ରେଡ୍ଡୀଙ୍କ ନେତୃତ୍ୱାଧୀନ ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ସ୍ୱେଚ୍ଛାସେବୀଙ୍କ ସହାୟତାରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ପଥଚାରୀଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା । ଏହି ଅନନ୍ୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ରକ୍ଷା କରି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସମାଜସେବୀ ଏସ. ଲିଙ୍ଗରାଜ, ରମେଶ ପାତ୍ର, ଶ୍ୟାମସୁନ୍ଦର ରେଡ୍ଡୀ ପ୍ରମୁଖ ଯୋଗ ଦେଇ ପଥଚାରୀଙ୍କୁ ଦହିପଣା ବଣ୍ଟନ କରିବା ସହ ଏହି ସେବା କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ।

## ଗଜପତି ଏକ୍ସପ୍ରେସ ବସର ରୁଟ୍ ପରିବର୍ତ୍ତନକୁ ନେଇ ଜନ ଅସନ୍ତୋଷ

ଗଜପତ(ମହାଭାରତ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରୁ ଭୁବନେଶ୍ୱରକୁ ଯାତାୟତ ପାଇଁ ଥିବା ଏକ ମାତ୍ର ସରକାରୀ ବସ୍ ଗଜପତି ଏକ୍ସପ୍ରେସ ଦୀର୍ଘ ୩୫ ବର୍ଷ ଧରି ପାରଳାଖେମୁଣ୍ଡି ଠାରୁ ଭୁବନେଶ୍ୱର ଭାୟା ପଲାସା ଦେଇ ଚଳାଚଳ କରୁଥିବା ବେଳେ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ଏହି ବସଟି ଅଚାନକ ଭାବରେ ଗତକାଲି ଠାରୁ ପଲାସା ପରିବର୍ତ୍ତେ ଭାୟା ରାମଗିରି ଦେଇ ଚଳାଚଳ ଆରମ୍ଭ କରିଛି ।ଏହି ବସ୍ ଦ୍ୱାରା ଯାତ୍ରୀମାନେ ଅତି କମ୍ ସମୟ ଓ କମ୍ ପଇସାରେ ପାରଳାଖେମୁଣ୍ଡି ଠାରୁ ଭୁବନେଶ୍ୱରକୁ ଯାତାୟତ କରିପାରୁଥିଲେ । ଏଥି ସହ ବହୁ ଯାତ୍ରୀ ପଲାସା ଓ ବ୍ରହ୍ମପୁର ଯିବାରେ ସୁବିଧା ହେଉଥିଲା । ବର୍ତ୍ତମାନ ଏହି ବସ୍ ମୋହନା ଦେଇ ଯିବା ଫଳରେ ଯାତ୍ରୀମାନଙ୍କର ସମୟ ଓ ଆର୍ଥିକ କ୍ଷତି ହେବ । ସୂଚନାଯୋଗ୍ୟ ଯେ ପାରଳାଖେମୁଣ୍ଡି ଠାରୁ ଭୁବନେଶ୍ୱର ଭାୟା ମୋହନା ଦେଇ ୫ରୁ ଉର୍ଦ୍ଧ୍ୱବେସରକାରୀ ବସ୍ ଚଳାଚଳ କରୁଅଛି । ପାରଳାଖେମୁଣ୍ଡିର ବହୁ ଯାତ୍ରୀ ଭାୟା ପଲାସା ଦେଇ ଚଳାଚଳ କରୁଥିବା ଗଜପତି ଏକ୍ସପ୍ରେସ ବସରେ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ଏଣୁ ଏହି ବସଟିକୁ ଯଥା ଶୀଘ୍ର ପୁନର୍ବାର ଏହାର ପୁରୁଣା ରୁଟରେ ଚଲାଇବା ପାଇଁ ଜନସାଧାରଣ ଦାବି ଜଣାଇଛନ୍ତି । ଏପରି ସ୍ଥଳେ ଗଜପତି ଏକ୍ସପ୍ରେସର ରୁଟ ପରିବର୍ତ୍ତନ ହୋଇଥିବାରୁ ପାରଳାବାସୀଙ୍କ ମନରେ ଜନ ଆକ୍ରୋଶ ବଢ଼ିବାରେ ଲାଗିଛି ।

## ଗିଉଗାଡି ସରୁପଡ଼ା ସାହିରେ ବିଶୁଦ୍ଧ ପାନୀୟ ଜଳ ସାତ ସପନ

# ନୂତନ ନଳକୂପ କେବେ ହେବ ଖନନ



କନ୍ଧମାଳ(ମହାଭାରତ):: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାରନ୍ଧାପଡା ପଞ୍ଚାୟତ ଅନ୍ତର୍ଗତ ଗିଉଗାଡି ୱାର୍ଡର ସରୁପଡା ସାହରେ ଦେଖିବାକୁ ମିଳିଛି ପାନୀୟ ଜଳର ଉତ୍କଟ ସମସ୍ୟା । ଉକ୍ତ ଗୋଟିଏ ସାହି ରେ ଦୀର୍ଘ ବର୍ଷ ଧରି ୧୫ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ଙ୍କ ପକ୍ଷରୁ କୌଣସି ପ୍ରକାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରା ଯାଇନଥିବା ଅଭିଯୋଗ କରିଛନ୍ତି ସାହିର ଜନସାଧାରଣ । ହେଲେ ଏଠି କିଛି ପ୍ରଶ୍ନବାଚି ସୃଷ୍ଟି ହେଉଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ସ୍ଥାନରେ ପହଞ୍ଚିବାର ଅସୁବିଧା ରହୁଛି କୋଉଠି ,ନା ଜାଣି ଶୁଣି ପ୍ରଶାସନ ନିରବ ଦୃଷ୍ଟା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ଯାହା ଫଳରେ ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଦୂଷିତ ଚୂଆ ପାଣି ଓ ନାଳ ପାଣି ଉପରେ ନିର୍ଭର କରୁଛନ୍ତି ।ସେହି ନାଳ ପାଣି ଚୂଆ ପାଣିକୁ ବ୍ୟବହାର କରି ଅନେକ ଶିଶୁ ଓ ବୟସ୍କ ଲୋକ ରୋଗାଗ୍ରସ୍ତ ହେବା ସହ ଅମୂଲ୍ୟ ଜୀବନ ହରାଉଛନ୍ତି ।ହେଲେ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସମସ୍ୟା ଘେରରେ ବାଲନ୍ଧାପଡା ପଞ୍ଚାୟତ ଗିଉଗାଡି ଗ୍ରାମ ର ସରୁପଡା ସାହିର ଜନସାଧାରଣ । ଏଠାରେ ନା' ଭଲ ରାସ୍ତାଟିଏ ଅଛି ନା' ବିଶୁଦ୍ଧ ପାନୀୟ ଜଳର ଯୋଗାଣ ? ଲୋକେ ନିଜର ଜୀବନ ବଞ୍ଚାଇବା ପାଇଁ ଦୀର୍ଘ ବର୍ଷ ଧରି ବାଧ୍ୟ ହୋଇ ଦୂଷିତ ଚୂଆ ପାଣି ଓ ନାଳ ପାଣି ଉପରେ ନିର୍ଭର କରି ଆସୁଛନ୍ତି ।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶର ଚିତ୍ର ଏଭଳି କି ଆଜ୍ଞାୟ ଏହି ସମସ୍ୟାର ସମାଧାନ କରିବା ନିମନ୍ତେ ଏହି ଗାଁ ର ଲାସିଙ୍ଗା ଦିଗାଲ , ବିନନ୍ଦକହଁର, ଗଙ୍ଗାଧର ଦିଗାଲ, ନିଳମଣୀ ଦିଗାଲ, ଅଜୟ ଦିଗାଲ, ସିତୟା ଦିଗାଲ, ରମେଶ କହଁର, ନିତ୍ୟାନନ୍ଦ କହଁର, ନିରୁପାଦିଗାଲ,ପୁଜା ଦିଗାଲ,ସମେତ ପୂର୍ବତନ ୱାର୍ଡ ମେମ୍ବର ବୁଦ୍ଧଦେବ ଦିଗାଲ ଏହି ଗୋଟିଏ ସାହିରେ ନୂତନ ନଳକୂପ ଖନନ ନିମନ୍ତେ ଦାବି କରିଛନ୍ତି । ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।ଏନେଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ବିଭାଗୀୟ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଅଜି ବେହେରା ଙ୍କୁ ପଚାରିବାରୁ ଶିଘ୍ର ତଦନ୍ତ କରାଯିବ ଓ ସମସ୍ୟାର ସମାଧାନ କରିବା ପାଇଁ କହିଛନ୍ତି ।

## ଗଣିଆ ମଣ୍ଡଳ ବିଜେପିର ନୂତନ ପ୍ରଭାରୀ ଭାବେ ଅଞ୍ଜନ ଦାଶଙ୍କୁ ଦାୟିତ୍ୱ



ଗଣିଆ(ମହାଭାରତ): ଭାରତୀୟ ଜନତା ପାର୍ଟି ପକ୍ଷରୁ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ନିଷ୍ପତ୍ତି ନିଆଯାଇଛି । ଦଳର ଶୀର୍ଷ ନେତୃତ୍ୱଙ୍କ ନିର୍ଦ୍ଦେଶ କ୍ରମେ ବିଶିଷ୍ଟ ନେତା ଅଞ୍ଜନ ଦାସଙ୍କୁ ଗଣିଆ ମଣ୍ଡଳର ନୂତନ ପ୍ରଭାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ତାଙ୍କର ଏହି ନିଯୁକ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳର ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି । ଆଜି ନୂତନ ପ୍ରଭାରୀ ଶ୍ରୀଯୁକ୍ତ ଦାଶ ପ୍ରଥମ ଥର ପାଇଁ ଗଣିଆ ମଣ୍ଡଳରେ ପହଞ୍ଚିବା ପରେ ସ୍ଥାନୀୟ ବିଜେପି କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କ ପକ୍ଷରୁ ତାଙ୍କୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଦଳୀୟ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଆଦରରେ ସହ ସ୍ୱାଗତ କରିଥିଲେ । ଏହି ଅବସରରେ କର୍ମୀଙ୍କ ଶ୍ଲୋଗାନ ଓ ନାରାବାଜି ସମଗ୍ର ପରିବେଶକୁ ଉତ୍ସବମୁଖର କରିଦେଇଥିଲା । ତୃଣମୂଳ ସ୍ତରରୁ ସଂଗଠନ ମଜବୁତ କରିବାକୁ ଆହ୍ୱାନଏହି ସମ୍ବର୍ଦ୍ଧନା ସଭାରେ ନୂତନ ପ୍ରଭାରୀ ଶ୍ରୀ ଦାସ ନିଜର ବକ୍ତବ୍ୟ ରଖି ଦଳର ଶୀର୍ଷ ନେତୃତ୍ୱଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଆଗାମୀ ଦିନରେ ଗଣିଆ ମଣ୍ଡଳରେ ବିଜେପିର ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ଅଧିକ ଶକ୍ତିଶାଳୀ ଏବଂ ବ୍ୟାପକ କରାଯିବ । ଏହି କାର୍ଯ୍ୟକୁ ସଫଳ କରିବା ପାଇଁ ସେ ସମସ୍ତ ସ୍ଥାନୀୟ କର୍ମୀ ଓ ନେତୃବୃନ୍ଦଙ୍କ ସହଯୋଗ କାମନା କରିଛନ୍ତି । ସରକାରଙ୍କ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଗଣିଆ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦଳ ସଦାସର୍ବଦା ଜନସାଧାରଣଙ୍କ ସହ ଛିଡ଼ା ହେବ । ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତି ଆଜିର ଏହି ସ୍ୱାଗତ ପର୍ବରେ ଗଣିଆ ମଣ୍ଡଳର ଅନେକ ବରିଷ୍ଠ ବିଜେପି ନେତା, ଭାଜପା ଯୁବ ମୋର୍ଚ୍ଚାର ସଦସ୍ୟ ଏବଂ ଦଳୀୟ ସମର୍ଥକ ଉପସ୍ଥିତ ରହି ଶ୍ରୀଯୁକ୍ତ ଦାଶଙ୍କୁ ଆଗାମୀ ଦିନର ସଫଳତା ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଆଇନ ସଚେତନତା କାର୍ଯ୍ୟକ୍ରମ



ଗଜପତ(ମହାଭାରତ): ଆଜି ଉପାନ୍ତ ଜିଲ୍ଲା ଗଜପତିର ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ପୌର ପରିଷଦର ସଭାଗୃହରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଶତାଧିକ ସ୍ୱେଚ୍ଛାସେବୀ ଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଉପସ୍ଥିତ ଜନସାଧାରଣଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ସଚେତନ କରିବା ସହ କିପରି ପରିବେଶ ସୁରକ୍ଷା କରି ଏକ ସୁସ୍ଥ ସମାଜ ଗଢ଼ାଯାଇପାରିବ ସେ ବିଷୟରେ ଉଦବୋଧନ ଦେଇଥିଲେ ।ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ବର୍ଜ୍ୟବସ୍ତୁକୁ କିପରି ବ୍ୟବହାର ଯୋଗ୍ୟ କରି ରୋଜଗାରର ପନ୍ଥା ସୃଷ୍ଟି କରାଯାଇପାରିବ ସେ ସମ୍ବନ୍ଧରେ ସମସ୍ତଙ୍କୁ ସୂଚନା ଦେଇଥିଲେ ।

## ବଡ଼ ବଜାର ଛକ ଏବଂ ଚୁଡାକୁଟି ମୁଖ୍ୟ ରାସ୍ତାକଡ଼ରୁ ଦୁଇଟି ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ଦାବି

ଧାମନଗର(ମହାଭାରତ): ଧାମନଗର ସହର ଅନ୍ତର୍ଗତ ସଦର ମହକୁମା ତଥା ବଡ଼ ବଜାର ଛକ ନିକଟରେ ଅଛି ମସଜିଦ ଏବଂ ମଦ୍ରାସା ଆଉ ଗୋଟେ ପଟରେ ଶିବ ମନ୍ଦିର ସାଙ୍ଗକୁ ସାପ୍ତାହିକ ପରିବା ହାଟ ରହିଛି । ଜନଗହଳି ସ୍ଥାନରେ ସରକାରୀ ବାର ଓ ବିଦେଶୀ ମଦ ବେପାରୀ ଏବଂ ଅବକାରୀ ବିଭାଗରର ମଧୁ ଚନ୍ଦ୍ରିକାରେ ଖୁଲମଖୁଲା ଦିନ ଦ୍ୱିପହରର ଏବଂ ସର୍ବ ସାଧାରଣ ସ୍ଥାନରେ ମଦ ବିକ୍ରିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯଦ୍ୱାରା ଧାମନଗରର ବିଭିନ୍ନ ହେବାରେ ଲାଗିଛି । ଯଦ୍ୱାରା ଝିଅ-ବୋହୂ, ପିଲାଛୁଆ, ସ୍କୁଲ ଓ କଲେଜରେ ପଢିବା ପାଇଁ ଯାଉଥିବା କୋମଳମତୀ ପିଲା ଓ ଛାତ୍ରଛାତ୍ରୀ ଆଦି ରାସ୍ତାରେ ଯିବାକୁ ଆଉ ସୁରକ୍ଷିତ ମଣୁ ନାହାଁନ୍ତି । ସେହିପରି ଧାମନଗର-ଚୁଡ଼ାକୁଟି ମୁଖ୍ୟ ରାସ୍ତାର ରାପିତା ଠାରେ ଥିବା ସରକାରୀ ବାର ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଜନସାଧାରଣ ଗଣମାଧ୍ୟମ ଆଗରେ ଅଭିଯୋଗ ସହିତ ଦାବି କରିଛନ୍ତି ।ଧାମନଗର ହେଉଛି ସମ୍ବେଦନଶୀଳ ଅଞ୍ଚଳ ଏଥିସହିତ ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ଦୁଇଟି ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବା ସହିତ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ଏବଂ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ସରକାରୀ ସ୍ତରରେ ନିୟମ ଅନୁଯାୟୀ ତୁରନ୍ତ ମଦ ଦୋକାନକୁ ଅନ୍ୟତ୍ର ତଥା ଫାଙ୍କା ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଉଭୟ କମ୍ୟୁନିଟି ଜନସାଧାରଣ, ବୁଦ୍ଧିଜୀବୀ ମହଲରୁ ଜୋରଦାର ଦାବି ହେଉଛି । ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତିଠାରୁ ଦୂରକୁ ସ୍ଥାନାନ୍ତର କରାନଯାଏ ତାହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟ ମହିଳା ଓ ଲୋକମାନେ ଚେତାବନୀ ଦେଇଛନ୍ତି । ଧାମନଗର ବଜାର ଆଖପାଖ ଅଞ୍ଚଳରେ ପୁଲିସର ପେଟ୍ରୋଲଂକୁ କଡାକଡି କରିବା ପାଇଁ ମଧ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

## ନାରୀ ଅଧିକାର ସମାବେଶ ଅନୁଷ୍ଠିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବିଧାୟକଙ୍କ ନେତୃତ୍ୱରେ ସୋମବାର ଦଶପଲ୍ଲା ଠାରେ ଏକ ବିଶାଳ ନାରୀ ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କୁ ୩୩% ସଂରକ୍ଷଣ ଅଧିକାର ପ୍ରଦାନ କରିବାରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ବିଫଳ ହୋଇଥିବା ବେଳେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନା ଘଟଣାକୁ ରୋକିବାରେ ସରକାର ସମ୍ପୂର୍ଣ୍ଣ ଅସମର୍ଥ ବୋଲି ସମାବେଶରେ ଅଭିଯୋଗ କରାଯାଇଥିଲା ।ୟଏହି ସମାବେଶରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୂନମ ପ୍ରିୟଦର୍ଶିନୀ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ସଭ୍ୟାଙ୍କ ସମେତ ବହୁ ମହିଳା ନେତୃବୃନ୍ଦ ଉପସ୍ଥିତ ଥିଲେ ।ଏହାସହ ହଜାର ହଜାର ସଂଖ୍ୟାରେ ମହିଳା ଯୋଗଦେଇ ସମାବେଶକୁ ସଫଳ କରିଥିଲେ ।

# କ୍ୟାନ୍ସରକୁ ଆମନ୍ତ୍ରଣ କରୁଛି ବଜାରରେ ମିଳୁଥିବା ପାଚିଲା ଫଳ

## କ୍ୟାଲସିୟମ କାର୍ବାଇଟ କ୍ୟାନ୍ସରର ମୂଳ କାରଣ



ଆସିକା (ମହାଭାରତ) : ବଜାରରେ ବର୍ତ୍ତମାନ ବିଭିନ୍ନ କିସମର ଆମ୍ବ, ଫଳ ପାଚିଲା ବହୁଳ ମାତ୍ରାରେ ବିକ୍ରି ଚାଲିଛି । ଦୈନିକ ହଜାର ହଜାର ଟନ ଆମ୍ବ ଫଳ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସମ୍ପ୍ରତି ଆମ୍ବ ଋତୁ ଚାଲିଥିବାରୁ ଦର ଯେତିକି ଅଧିକ ହେଲେ ମଧ୍ୟ ଆମ୍ବ ନହେଲେ ପାଟିକୁ ଖାଦ୍ୟ ରୁଚୁନି ।ବଜାରରୁ ଫେରିଲା ବେଳକୁ ବ୍ୟାଗରେ କିଛି ପନିପରିବା ସହ ପ୍ରାୟତଃ ଆମ୍ବ ରହିଥିବା ଦେଖୁବାକୁ ମିଳୁଛି । ହେଲେ ପାଟିକୁ ସୁସ୍ୱାଦ ଲାଗିବା ପାଇଁ ଅଣା ଯାଇଥିବା ଏହି ଆମ୍ବ ଶରୀର ପାଇଁ କେତେ ହିତକର କି ନୁହେଁ ତାହା ଜାଣିବା ପାଇଁ କାହା ପାଖରେ ସମୟ ନଥାଏ ।ଆମ୍ବ ଏପରି ଏକ ଫଳ ଯାହା ଉଭୟ କଞ୍ଚା ଓ ପାଚିଲାରେ ଖାଇ ହୁଏ । କିନ୍ତୁ ଯେଉଁ କଞ୍ଚା ଆମ୍ବ ବଜାରରୁ କ୍ରୟ କରି ଅଣାଯାଇଛି, ସେଥିରେ କ୍ୟାନସର ଭଳି ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି । ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା, ସେହି ଆମ୍ବ କଞ୍ଚା ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆଯାଉଥିବା ଦେଖୁବାକୁ ମିଳୁଛି । ଫଳରେ ଆମ୍ବର ଉପର ଅଂଶରୁ ପାଚିଲା ଭଳି ଦେଖାଯାଉଥିବା ଏହି ଆମ୍ବ ଗୁଡ଼ିକ ପାଟିକୁ ସୁସ୍ୱାଦ ଲାଗୁଛି, ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି । ସ୍ୱାସ୍ଥ୍ୟ ପାଇଁ କେଉଁ ଫଳ ହିତକର ଏବଂ କେଉଁ ଫଳ ଅହିତକର ତାହା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉନାହିଁ ।କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ ଗ୍ୟାସ ବାହାରୁଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚା ପଚାଯାଏ, ସେହି ଫଳରେ ଏହି ଗ୍ୟାସ ରହିଥାଏ ।ଏହାକୁ ଖାଇଲେ କ୍ୟାନସର, ଥାଇରଡ୍, ପାଟି ଭିତରେ ଘା, ଏଲର୍ଜି ପ୍ରଭୃତି ରୋଗ ଦେଖାଦେଇଥାଏ । ଏପରିକି ବୃଦ୍ଧ ଲୋକଙ୍କ ଶରୀରରେ ଆଜମା ଭଳି ରୋଗ ଦେଖା ଦେଇଥାଏ । କେବଳ ଆମ୍ବ ନୁହେଁ କଦଳୀ, ସେଓ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ଆସିକା ଏବଂ ଏହାର ଆଖପାଖ ଅଞ୍ଚଳର ବଜାରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭ କରି ଅନ୍ୟାନ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଏକ ଯାଞ୍ଚ କରିବା ସାମ୍ପ୍ରତିକ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛିବୋଲି ବିଭନ୍ନ ମହଲରେ ମତ ପ୍ରକାଶ ପାଇଛି ।

## ‘କକ୍ରୋଚ୍ ଜନତା ପାର୍ଟି’ ଖାଲି ଗୋଟେ ଇଣ୍ଟରନେଟ୍ ଡ୍ରାମା, ଟ୍ରେଣ୍ଡ୍ ପଛରେ ଗୋଡ଼ାଉଛି ଯୁବପିଢ଼ି

ନୂଆଦିଲ୍ଲୀ: ସୋସିଆଲ ମିଡିଆ ଚର୍ଚ୍ଚା ମଧ୍ୟରେ ଏକ ନୂଆ ବିବାଦ ଦେଖାଦେଇଛି। ଆମେରିକାରେ ରହୁଥିବା ଅଭିଜିତ୍ ଦୀପକେଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ‘କକ୍ରୋଚ୍ ଜନତା ପାର୍ଟି’ (ଉକ୍ଟମଳକ୍ଟକ୍ଟବମଷ ଔବଭବଥ୍ୱବ ଚବକ୍ଟଥ୍ୱଙ୍କ - ଉଔଚ) କୁ ନେଇ ସୋସିଆଲ ମିଡିଆରେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରବଳ କ୍ରେଜ୍ ଦେଖିବାକୁ ମିଳୁଛି। ଲୋକେ ଏଥିପାଇଁ ଅନଲାଇନ୍ ଫର୍ମ ପୂରଣ କରିବା ସହ ରିଲ୍ସ ମଧ୍ୟ ତିଆରି କରୁଛନ୍ତି। ତୃଣମୂଳ କଂଗ୍ରେସର ସାଂସଦ ମହୁଆ ମୈତ୍ରା ଏବଂ କୀର୍ତ୍ତି ଆଜାଦ୍ ମଧ୍ୟ ସୋସିଆଲ ମିଡିଆରେ ନିଜକୁ ଏହି ଦଳର ସଦସ୍ୟ ବୋଲି ସ୍ୱୀକାର କରିଛନ୍ତି। ତେବେ ଏହି ସମୟରେ ଭାରତୀୟ ରାପର୍ ସାଣ୍ଟି ଶର୍ମା (ଝବଭଥ୍ୱଙ୍କ ଝଷବକ୍ଟଙ୍କବ) ଏହି ଦଳକୁ ସମାଲୋଚନା କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଚର୍ଚ୍ଚା ଜୋର ଧରିଛି। ରାପର୍ ସାଣ୍ଟି ଶର୍ମା ନିଜ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଲେଖିଛନ୍ତି, ‘କକ୍ରୋଚ୍ ଜନତା ପାର୍ଟି କୌଣସି ଗମ୍ଭୀର ଆନ୍ଦୋଳନ ନୁହେଁ, ବରଂ ଏହା ଏକ ଇଣ୍ଟରନେଟ୍ ଡ୍ରାମା ଭଳି ମନେହେଉଛି।‘ ସେ କହିଛନ୍ତି ଯେ ଲୋକେ ଅନ୍ଧ ଭାବେ ଭାଇରାଲ୍ ଟ୍ରେଣ୍ଡ୍ ?କୁ ଫଲୋ କରୁଛନ୍ତି। ସେ ଅଭିଜିତ୍ ଦୀପକେଙ୍କ ପୂର୍ବରୁ ଆମ୍ ଆଦମୀ ପାର୍ଟି ସହ ସମ୍ପର୍କ ଏବଂ ଭାରତ ବିରୋଧୀ ମନେହେଉଥିବା ପୁରୁଣା ପୋଷ୍ଟଗୁଡ଼ିକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ସାଣ୍ଟିଙ୍କ କହିବା ଅନୁଯାୟୀ, ଯଦି ପ୍ରକୃତ ଉଦ୍ଦେଶ୍ୟ ‘ରାଷ୍ଟ୍ରବାଦ’ ତେବେ ଜେନ-ଜି ବା ଆଜିର ଯୁବପିଢ଼ିଙ୍କୁ ଭାବୁକ କରି ରାସ୍ତାକୁ ଓହ୍ଲାଇବା ପରିବର୍ତ୍ତେ ନିଯୁକ୍ତି ଏବଂ ଶିକ୍ଷା ଭଳି ପ୍ରକୃତ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବା ଉଚିତ୍। ସେ ଲେଖିଛନ୍ତି, ‘ବିଜେପି ସମେତ କୌଣସି ରାଜନୈତିକ ଦଳ ସମ୍ପୂର୍ଣ୍ଣ ନିଖୁଣ ନୁହଁନ୍ତି ଏବଂ ଗଣତନ୍ତ୍ରରେ ସମାଲୋଚନା ସ୍ୱାଭାବିକ। କିନ୍ତୁ ସୋସିଆଲ ମିଡିଆରେ ପ୍ରୋପାଗାଣ୍ଡା ଏବଂ ଅଯଥା ଉତ୍ତେଜନା ସୃଷ୍ଟି କରିବା ଭାରତର ବିକାଶ ପାଇଁ ସମାଧାନ ନୁହେଁ।‘ ସାଣ୍ଟି ଶର୍ମା ଜଣେ ଭାରତୀୟ ରାପର୍। ସେ ମୁଖ୍ୟତଃ ତାଙ୍କର ସଙ୍ଗୀତ ଆଲବମ୍ (ଓଭୟରକ୍ଟ୍ରରଭୟରଭଥ୍ୱ ଙ୍କଙ୍କଥ୍ୱସମ କ୍ୱରକ୍ଷରବଥ୍ୱରଥ୍ୱ) ଏବଂ ସୋସିଆଲ ମିଡିଆରେ ଚାଲୁଥିବା ବିଭିନ୍ନ ସାମାଜିକ ତଥା ଡିଜିଟାଲ ପ୍ରସଙ୍ଗ ଉପରେ ସ୍ପଷ୍ଟ ବୟାନବାଜି ପାଇଁ ଜଣାଶୁଣା। ଇନଫ୍ଲୁଏନ୍ସର କଲଚର୍, ଇଣ୍ଟରନେଟ୍ ବିବାଦ ଏବଂ ଯୁବପିଢ଼ିଙ୍କ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ସେ ନିଜର ଦୃଢ଼ ମତ ରଖି ଆସିଛନ୍ତି। ବର୍ତ୍ତମାନ କକ୍ରୋଚ୍ ଜନତା ପାର୍ଟି ଉପରେ ତାଙ୍କର ଏହି ମନ୍ତବ୍ୟ ଇନଷ୍ଟାଗ୍ରାମ୍, ଏକ୍ସ (ଢ) ଏବଂ ୟୁଟ୍ୟୁବ୍‌ରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି।

# ୨୦୩୦ ସୁଦ୍ଧା ଭାରତ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା ଆମେରିକାକୁ ପଛରେ ପକାଇ ଚୀନ୍ ହେବ ମହାଶକ୍ତିଶାଳୀ




ନୂଆଦିଲ୍ଲୀ: ୨୦୩୦ ସୁଦ୍ଧା ବିଶ୍ୱ ଅର୍ଥନୈତିକ ମାନଚିତ୍ରରେ ଦେଖିବାକୁ ମିଳିବ ନୂଆ ରୂପ । ଭାରତ ପାଲଟିବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା। ଆମେରିକାକୁ ଟପି ଚୀନ ହେବ ମହାଶକ୍ତିଶାଳୀ। ପିପିପି ଆଧାରରେ କେତେକ ବିକାଶମୁଖୀ ଅର୍ଥନୀତିଗୁଡ଼ିକର ଜିଡିପି ରାଙ୍କିଙ୍ଗ୍ ବଢ଼ିଯିବ। ତଳକୁ ଖସିବେ ଲମ୍ବା ସମୟ ଧରି ଅର୍ଥନୈତିକ ମହାଶକ୍ତିର ମୁକୁଟ ପିନ୍ଧିଥିବା ରାଷ୍ଟ୍ର। ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛ ୱାର୍ଲ୍ଡ ଇକୋନୋମିକଫୋରମ୍ (ଡବ୍ଲ୍ୟୁ ଇଏଫ୍)। ରିପୋର୍ଟ ଅନୁସାରେ, ଆର୍ଥିକ ଦୃଷ୍ଟିକୋଣରୁ ପ୍ରଭାବଶାଳୀ ରହିବା ସତ୍ତ୍ୱେ ୨୦୩୦ ସୁଦ୍ଧା କିଛି ଅର୍ଥନୈତିକ ମହାଶକ୍ତିଗୁଡ଼ିକର ଗ୍ଲୋବାଲ ଜିଡିପି ରାଙ୍କିଙ୍ଗ୍ ଖସିଯିବ। ସେହିଭଳି କେତେକ ବିକାଶମୁଖୀ ଅର୍ଥନୀତିଗୁଡ଼ିକର ସ୍ଥାନ ଉନ୍ନୀତ ହେବ । ଏହାର ପ୍ରମୁଖ କାରଣ ହେଉଛି ଏହି ରାଷ୍ଟ୍ରଗୁଡ଼ିକର ବର୍ଦ୍ଧିତ ଜନସଂଖ୍ୟା, ଦ୍ରୁତ ସହରାଞ୍ଚଳ ବିକାଶ, ଉତ୍ପାଦକତା ଅଭିବୃଦ୍ଧି ଏବଂ ପରିବର୍ଦ୍ଧିତ ଘରୋଇ ଚାହିଦା। ଏ କ୍ଷେତ୍ରରେ ଏସିଆର ପ୍ରଦର୍ଶନ ଭଲ ରହିବ। ଉତ୍ତର ଆମେରିକା ଏବଂ ୟୁରୋପର କିଛି ଭାଗରେ ଆର୍ଥିକ ଏବଂ ରାଜନୈତିକ ଗୁରୁତ୍ୱ ବଜାୟ ରହିବ । ରିପୋର୍ଟ ଅନୁସାରେ, କ୍ରୟ କ୍ଷମତା ସମାନତା(ପିପିପି) ଆଧାରରେ ୨୦୩୦ ସୁଦ୍ଧାଭାରତ ପାଲଟିବ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା। ବିଶ୍ୱ ଜିଡିପିକୁ ଏହାଦେବ ୮.୫୦% ଯୋଗଦାନ। ତେବେ ଯୁକ୍ତରାଷ୍ଟ୍ର ଆମେରିକାକୁ ପଛରେ ପକାଇଚୀନ୍ ପାଲଟିବ ବିଶ୍ୱର ସର୍ବବୃହତ୍ ଅର୍ଥନୀତି। ବିଶ୍ୱ ଜିଡିପିକୁ ଏହାର ଯୋଗଦାନ ରହିବ ୧୯.୭୦% । ସେହିଭଳି ଦ୍ୱିତୀୟ ସ୍ଥାନକୁ ଖସିଯିବ ଆମେରିକା। ବିଶ୍ୱ ଜିଡିପିରେ ରିପୋର୍ଟରେ କୁହାଯାଇଛି ଯେ, କ୍ରୟ କ୍ଷମତା ସମାନତା(ପିପିପି) ହିସାବରେ ୨୦୩୦ ସୁଦ୍ଧା ଚୀନ୍ ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥା ପାଲଟିବ। ଦେଶର ମଜଭୂତ ବିନିର୍ମାଣ ଇକୋସିଷ୍ଟମ ଯୋଗୁ ଏହା ଏ ଉପଲବ୍ଧି ହାସଲ କରିବ। ପ୍ରଯୁକ୍ତି, ଭିତ୍ତିଭୂମି ନିବେଶ ଏବଂ ଉପଭୋକ୍ତା ବ୍ୟୟ କ୍ଷେତ୍ରରେ ଚୀନର ଅଗ୍ରଗତି ହିଁ ଏହାକୁ ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥାର ମୁକୁଟ ପିନ୍ଧାଇବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ତେବେ ଏସିଆରୁ ମଜଭୁତ ପ୍ରତିଯୋଗିତା ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକା ୨୦୩୦ ସୁଦ୍ଧା ବିଶ୍ୱର ପ୍ରଭାବଶାଳୀ ଅର୍ଥନୈତିକ ମହାଶକ୍ତି ରହିବ। ବିତ୍ତୀୟ ବଜାର, ଗବେଷଣା ପ୍ରତିଷ୍ଠାନ, ବହୁରାଷ୍ଟ୍ରୀୟ କମ୍ପାନି ଏବଂ ଆମେରିକୀୟ ଡଲାରର ବର୍ଦ୍ଧିତ କ୍ଷମତା ହିଁ ଆମେରିକାର ପ୍ରଭାବକୁ ବଳବତ୍ତର ରଖିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଫାର୍ମା, ପ୍ରତି ରକ୍ଷା ପ୍ରଯୁକ୍ତି ଏବଂ ଅତ୍ୟାଧୁନିକ କମ୍ପ୍ୟୁଟିଂ ଆଦି କ୍ଷେତ୍ରରେ ଦେଶ ନିବେଶ ଗଣିବ। ଅନ୍ୟପକ୍ଷରେ, ପିପିପି ଆଧାରରେ ଏହାର ଗ୍ଲୋବାଲ ଜିଡିପି ରାଙ୍କିଙ୍ଗ୍ ଦ୍ୱିତୀୟ ସ୍ଥାନକୁ ଖସିଯିବ ବୋଲି ରିପୋର୍ଟରେ କୁହାଯାଇଛି।

ପରିବର୍ଦ୍ଧିତ ଡିଜିଟାଲ ଭିତ୍ତିଭୂମି, ବର୍ଦ୍ଧିତ ସହରାଞ୍ଚଳ ଚାହିଦା ଏବଂ ମଧ୍ୟମ ଆୟବର୍ଗଙ୍କ ସଂଖ୍ୟା ବୃଦ୍ଧି ହିଁ ଏଥିରେ ସହାୟକ ହେବ। ଭାରତ କେବଳ ରପ୍ତାନି ଉପରେ ନିର୍ଭର କରିବ ନାହିଁ । ଘରୋଇ ଚାହିଦା ବୃଦ୍ଧି ଫଳରେ ଆଗକୁ ଏହା ଅନେକ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପଛରେ ପକାଇଦେବ ବୋଲି ଡବ୍ଲ୍ୟୁଇଏଫ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶରେ ସେବା, ଟେଲି ଯୋଗାଯୋଗ, ଆର୍ଥିକ ଏବଂ ବିନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖିବାକୁ ମିଳିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଜନସଂଖ୍ୟାଜନିତ ଚାପ ଏବଂ ମନ୍ଥର ଜନସଂଖ୍ୟା ଅଭିବୃଦ୍ଧି ସତ୍ତ୍ୱେ ଜାପାନ ବିଶ୍ୱର ଅନ୍ୟତମ ଅଗ୍ରଣୀ ଅର୍ଥବ୍ୟବସ୍ଥାର ମାନ୍ୟତା ବଜାର ରଖିବ। ସେହିଭଳି ଜର୍ମାନି ମଧ୍ୟ ବିଶ୍ୱର ଅନ୍ୟତମ ସର୍ବବୃହତ୍ ଅର୍ଥନୀତି ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଦିଲ୍ଲୀ ମୁହାଁଇଛି ଧୂଳିଝଡ଼, ୫୦ କିମି ବେଗରେ ମାଡ଼ି ଆସୁଛି

ନୂଆଦିଲ୍ଲୀ: ଭୀଷଣ ଗ୍ରୀଷ୍ମରେ ଆଉଟୁପାଉଟୁ ହେଉଥିବା ରାଜଧାନୀ ଦିଲ୍ଲୀବାସୀଙ୍କ ଲାଗି ଆଗାମୀ କିଛି ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ପାଣିପାଗ ବିଭାଗ ଦିଲ୍ଲୀରେ ଧୂଳିଝଡ଼ ନେଇ ଆଗୁଆ ସତର୍କତା ଜାରି କରିଛନ୍ତି। ବିଭାଗ ଅନୁସାରେ ଦିଲ୍ଲୀକୁ ଏକ ବିପଦ ମାଡ଼ି ଆସୁଛି ଏହା ଦ୍ୱାରା ଜାତୀୟ ରାଜଧାନୀରେ ଭୀଷଣ ଧୂଳିଝଡ଼ ହୋଇପାରେ। ପାଣିପାଗ ବିଭାଗଙ୍କ ଦ୍ୱାରା ଜାରି ‘ନାଓ କାଷ୍ଟ’ ଅନୁସାରେ ଦିଲ୍ଲୀର ସବୁ ଜିଲ୍ଲାଙ୍କ ଲାଗି ୟେଲୋ ଆଲର୍ଟ ଜାରି ହୋଇଛି। ଏଥିରେ ଘଣ୍ଟାପ୍ରତି ୩୦ରୁ ୫୦ କିଲୋମିଟର ବେଗରେ ଝଡ଼ ବହିପାରେ ବୋଲି ଆକଳନ କରାଯାଇଛି। ଏହାଦ୍ୱାରା ଧନଜୀବନ ପ୍ରଭାବିତ ହେବା ନେଇ ମଧ୍ୟ ଆଶଙ୍କା କରାଯାଇଛି। ଏଣୁ ପ୍ରଶାସନ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ଜାତୀୟ ରାଜଧାନୀରେ ରବିବାର ଯଦିଓ ଗରମ ଥିଲା ତେବେ ଅନ୍ୟଦିନ ଅପେକ୍ଷା କମ୍ ରହିଛି। ରବିବାର ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୬ ଡିଗ୍ରି ରେକର୍ଡ ହୋଇଛି। ଏହା ସ୍ୱାଭାବିକ ଠାରୁ ୩.୪ ଡିଗ୍ରି ଅଧିକ ବୋଲି ପାଣିପାଗ ବିଭାଗ କହିଛନ୍ତି। ତେବେ ରାଜଧାନୀ ଦିଲ୍ଲୀକୁ ମୁହାଁଇଥିବା ଧୂଳି ଝଡ଼ କେବଳ ଆଜି ରାତିକ ଆଶ୍ୱସ୍ତି ଦେଇପାରେ। ତେବେ ଦିଲ୍ଲୀ ଲାଗି ଆଗାମୀ ୩ ଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗର ହିଟୱେଭ ୟେଲୋ ୱାର୍ଣ୍ଣିଂ ଜାରି ରହିବ। ସୋମବାର ମଧ୍ୟ ଜାତୀୟ ରାଜଧାନୀରେ ଦିନର ତାପମାତ୍ରା ୪୪ ଡିଗ୍ରି ସେଲସିୟସ୍ ଆଖପାଖରେ ରହିବ। ଏହି ସମୟରେ ସର୍ବନିମ୍ନ ତାପମାତ୍ରା ୩୦ ଡିଗ୍ରି ସେଲସିୟସ ରହିପାରେ। ରବିବାର ପବନରେ ଆର୍ଦ୍ରତା ୧୮ରୁ ୩୭ ପ୍ରତିଶତ ମଧ୍ୟରେ ଥିଲା। ଏଣୁ ଦିନତମାମ ଲୋକେ ଗରମରେ ଛଟପଟ ହୋଇଛନ୍ତି।

## ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି, ଜୟଶଙ୍କର ଓ ମାର୍କୋ ରୁବିଓଙ୍କ ବୈଠକ ପରେ ପ୍ରକ୍ରିୟା ଜୋରଦାର



ନୂଆଦିଲ୍ଲୀ: ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ ଶୀଘ୍ର ଚୂଡ଼ାନ୍ତ ରୂପ ଦେବା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ଜୋରଦାର ହୋଇଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଖୁବ୍ ଶୀଘ୍ର ଏକ ଆମେରିକୀୟ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତ କରିବେ ବୋଲି ସ୍ପଷ୍ଟ କରାଯାଇଛି। ଗତ ଫେବୃଆରୀ ୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବାଣିଜ୍ୟ ଚୁକ୍ତି ବହୁତ ନିକଟତର ଥିବା ଘୋଷଣା କରିଥିଲେ ମଧ୍ୟ ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଏଥିରେ କିଛି ଦିନ ପାଇଁ ସ୍ଥଗିତ କରାଯାଇଥିଲା। ବର୍ତ୍ତମାନ ଏହି ଚୁକ୍ତିକୁ ନେଇ କୂଟନୈତିକ ସ୍ତରରେ ବଡ଼ ସଂଶୋଧନ କରାଯାଉଛି। ଶୁଳ୍କ ପୁନଃ ସନ୍ତୁଳନ: ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ରପ୍ତାନୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ (ଝବକ୍ଟସଲଲ) ଲଗାଇବା ସହ ଋଷଠାରୁ ଶକ୍ତି ଆମଦାନୀ ଉପରେ ୨୫% ଲେଭି ଲଗାଇବା ପରେ ଦୁଇ ଦେଶର ବାଣିଜ୍ୟିକ ସମ୍ପର୍କରେ କିଛିଟା ତିକ୍ତତା ଆସିଥିଲା। ଏହା ଉପରେ ମାର୍କୋ ରୁବିଓ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ‘ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ କେବଳ ଭାରତ ବିରୋଧରେ ନୁହେଁ, ବରଂ ବିଶ୍ୱସ୍ତରରେ ଆମେରିକାର ବାଣିଜ୍ୟ ଅସନ୍ତୁଳନ କୁ ସୁଧାରିବା ଏବଂ ନିଜ ଦେଶକୁ ମାନୁଫ୍ୟାକ୍ଟରିଂ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ। ଅର୍ଥନୈତିକ ସହଯୋଗ: ଭାରତୀୟ କମ୍ପାନୀଗୁଡ଼ିକ ଆମେରିକାରେ ୨୦ ବିଲିୟନ ଡଲାରରୁ ଅଧିକ ନିବେଶ କରିସାରିଛନ୍ତି। ଏହା ସହ ଭାରତ ନିକଟରେ ଆମେରିକା ନେତୃତ୍ୱାଧୀନ ‘ପ୍ୟାକ୍ସ ସିଲିକା’ ଆଲାଇନ୍ସରେ ସାମିଲ ହୋଇଛି, ଯାହା ଇଓ ପ୍ରଯୁକ୍ତିବିଦ୍ୟା ଏବଂ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଏକ ବଡ଼ ସଫଳତା ଅଟେ। ୧୪୦ କୋଟି ଜନସଂଖ୍ୟାର ଆବଶ୍ୟକତା: ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ବୈଠକରେ ସ୍ପଷ୍ଟ କରିଛନ୍ତି ଯେ, ଭାରତର ୧୪୦ କୋଟି ଜନସଂଖ୍ୟାର ଶକ୍ତି ଆବଶ୍ୟକତା ପୂରଣ କରିବା ଏବଂ ସେମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଇନ୍ଧନ ଯୋଗାଇବା ଭାରତ ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ଏବଂ ହୋର୍ମୁଜ ଜଳମାର୍ଗ ବନ୍ଦ ରହିବା ଯୋଗୁଁ ବିକଳ୍ପ ଶକ୍ତି ଯୋଗାଣ ପାଇଁ ଆମେରିକା ସହ ଆଲୋଚନା କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପାରିତ ହୋଇଥିବା ନୂତନ ଆଣବିକ ଆଇନ ‘ଶାନ୍ତି ଆକ୍ଟ’ (ଝୌଇଘଞ୍ଜଓ ଇମଥ୍ୱ - ଝଙ୍କଥ୍ୱ-ଥ୍ୱବସଭବବକ୍ଷର ଐବକ୍ସଭରଥ୍ୱଥ୍ୱ-ସଭଶ ବଭୟ ଇୟଙ୍ଗବଭମର-ଙ୍କରଭଥ୍ୱ କ୍ଟଲ ଘଙ୍କମକ୍ଷରବକ୍ସ ରଭ-ରକ୍ସଶଙ୍କ ଲକ୍ଟକ୍ସ ଝକ୍ସବଭଥ୍ୱଲକ୍ଟକ୍ସଙ୍କ-ସଭଶ ଓଭୟସବ) ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇ ନିବେଶ ଏବଂ ମିଳିତ ସହଯୋଗ ପାଇଁ ନୂଆ ଦ୍ୱାର ଖୋଲିଛି।

## ମୋଜତାବା ଲୁଚିଛନ୍ତି ଗୁପ୍ତ ବଙ୍କରରେ ! ଚିଠି ଆଦାନପ୍ରଦାନରେ ଚାଲିଛି ସରକାରୀ କାର୍ଯ୍ୟ

ଇରାନ : ଫେବ୍ରୁଆରି ୨୮ ତାରିଖରୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ଏବଂ ତାଙ୍କ ସମଗ୍ର ପରିବାର ଆମେରିକା-ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିଲେ । ତାଙ୍କ ପୁଅ ମୋଜତାବା ଖେମିନି ଏହି ଭୟଙ୍କର ଆକ୍ରମଣରୁ ଅଳ୍ପକେ ବଞ୍ଚି ଯାଇଛନ୍ତି। ତଥାପି, ପ୍ରାୟ ତିନି ମାସ ପରେ, ତାଙ୍କ ସ୍ୱାସ୍ଥ୍ୟ କିମ୍ବା ସ୍ଥାନ ସମ୍ପର୍କରେ କୌଣସି ନିଶ୍ଚିତ ସୂଚନା ମିଳିନାହିଁ । ଏକ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଅଧିକାରୀମାନଙ୍କ ଅନୁସାରେ ମୋଜତାବା ଖେମିନି ବର୍ତ୍ତମାନ କଡ଼ା ସୁରକ୍ଷା ମଧ୍ୟରେ ଏକ ଭୂତଳ ବଙ୍କରରେ ଲୁଚି ରହିଛନ୍ତି । ସେ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏବଂ ଆଧୁନିକ ଫୋନ୍ କିମ୍ବା ଇଣ୍ଟରନେଟ୍ ବ୍ୟବହାର କରିବା। ପରିବର୍ତ୍ତେ ନିଜ ସରକାରୀ ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଚିଠି ଏବଂ ଗୁପ୍ତ ଦୂତମାନଙ୍କର ଏକ ଜଟିଳ ନେଟୱାର୍କ ବ୍ୟବହାର କରୁଛନ୍ତି। ଇରାନର ବଡ଼ ବଡ଼ ଅଧିକାରୀଙ୍କ ପାଖରେ ମୋଜତାବାଙ୍କ ଠିକଣା ସମ୍ପର୍କରେ କୌଣସି ସୂଚନା ନାହିଁ। ମୋଜତାବାଙ୍କ ସହ ସିଧାସଳଖ ଯୋଗାଯୋଗ ସମ୍ଭବ ହୋଇପାରୁନି। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ, ଇରାନ ଭିତରେ ଏହି ଯୋଗାଯୋଗ ବିଚ୍ଛିନ୍ନତା ବର୍ତ୍ତମାନ ୱାସିଂଟନ ଏବଂ ତେହେରାନ ମଧ୍ୟରେ ଶାନ୍ତି ଆଲୋଚନାରେ ବିଳମ୍ବର ସବୁଠାରୁ ବଡ଼ କାରଣ ପାଲଟିଛି । ଯେତେବେଳେ ଟ୍ରମ୍ପ ପ୍ରଶାସନ ଇରାନକୁ ଏକ ନୂତନ ଚୁକ୍ତି ପ୍ରସ୍ତାବ ପଠାଉଛନ୍ତି, ସେତେବେଳେ ଇରାନୀ ଆଲୋଚନାକାରୀମାନଙ୍କୁ ସର୍ବୋଚ୍ଚ ନେତାଙ୍କ ଅନୁମୋଦନ ପାଇବା ପାଇଁ କିଛି ଦିନ ସମୟ ଲାଗୁଛି। ମୋଜତାବାଙ୍କ ପାଖରେ ପହଞ୍ଚୁଥିବା ଯେକୌଣସି ସୂଚନା ପ୍ରାୟତଃ ଅନେକ ଦିନ ପୁରୁଣା ହୋଇଯାଉଛି। ସେଥିପାଇଁ ତାଙ୍କର ପ୍ରତିକ୍ରିୟା ଏତେ ସମୟ ନେଉଛି। ଏହି କାରଣରୁ କେତେକ ସମୟରେ ରିପୋର୍ଟ ପ୍ରକାଶ ପାଉଛି ଯେ, ଇରାନ ଏକ ଚୁକ୍ତି ପାଇଁ ପ୍ରସ୍ତୁତ, ଏବଂ କେତେକ ସମୟରେ କୁହାଯାଉଛି ଯେ ଚୂଡ଼ାନ୍ତ ସର୍ତ୍ତଗୁଡ଼ିକ ଏପର୍ଯ୍ୟନ୍ତ ବିଚାରାଧୀନ ଅଛି।

## ଗଭୀର ଖାଇକୁ ଖସିଲା ସ୍କର୍ପିଓ, ୮ ମୃତ

ମହାରାଷ୍ଟ୍ର : ମହାରାଷ୍ଟ୍ର ମହାବଳେଶ୍ୱର ଏବଂ ପୋଲାଦପୁର ମଧ୍ୟରେ ଥିବା ଅମ୍ବେନାଲୀ ଘାଟିରେ ଭୟଙ୍କର ସଡ଼କ ଦୁର୍ଘଟଣା । କୋଙ୍କଣ ବୁଲି ଫେରୁଥିବା ଏକ ପର୍ଯ୍ୟଟକ ଭର୍ତ୍ତି ସ୍କର୍ପିଓ ଗାଡ଼ି ଅନିୟନ୍ତ୍ରିତ ହୋଇ ପ୍ରାୟ ୭୦୦ ଫୁଟ ତଳକୁ ଖସିପଡିଥିଲା । ଏହି ଘଟଣାରେ ୮ ଜଣ ଯୁବକଙ୍କ ଜୀବନ ଚାଲିଯାଇଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ଖବର ମୁତାବକ, ରବିବାର ବିଳମ୍ବିତ ରାତିରେ ଦାବେଲୀ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି । ରାତି ପ୍ରାୟ ୨.୪୫ ମିନିଟରେ କୋଙ୍କଣରୁ ବୁଲି ଫେରୁଥିବା ପର୍ଯ୍ୟଟକଙ୍କ ଗାଡ଼ି ଅମ୍ବେନାଲୀ ନିକଟରେ ଅନିୟନ୍ତ୍ରିତ ହୋଇ ଖାଇକୁ ଖସିପଡିଥିଲା । ପର୍ଯ୍ୟଟକ ଭର୍ତ୍ତି ସ୍କର୍ପିଓ ଗାଡ଼ି ଅନିୟନ୍ତ୍ରିତ ହୋଇ ପ୍ରାୟ ୭୦୦ ଫୁଟ ତଳକୁ ଖସିପଡ଼ିଥିଲା । ଏଥିରେ ୮ ଜଣ ପର୍ଯ୍ୟଟକ ରହିଥିଲେ । ଘଟଣା ବିଷୟରେ ସୂଚନା ପାଇଁ ପୋଲାଦପୁର ପୋଲିସ ପ୍ରଶାସନ, ମହାବଳେଶ୍ୱର ଟ୍ରେକର୍ସ, ପ୍ରତାପଗଡ ରେସକ୍ୟୁ ଟିମ୍, ଆପଦା ମିତ୍ର ଏବଂ ସ୍ଥାନୀୟ ଗ୍ରାମୀଣ ତୁରନ୍ତ ଯାଇ ଉଦ୍ଧାର କାର୍ଯ୍ୟରେ ଲାଗିପଡିଥିଲେ । ଖାଇ ଅତ୍ୟଧିକ ଗଭୀର ଏବଂ ଦୁର୍ଗମ ହେବା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଥିଲା । ତେବେ ଅମ୍ବେନାଲୀ ଘାଟ ବହୁତ ବିପଦପୂର୍ଣ୍ଣ ଅଞ୍ଚଳ । ୨୦୧୮ରେ ଦାପେଲୀ କୃଷି ବିଶ୍ୱବିଦ୍ୟାଳୟର ଏକ ବସ୍ ଖାଇରେ ଖସିପଡିବା ଯୋଗୁଁ ଅନେକ ଜୀବନ ଚାଲିଯାଇଥିଲା ।

## ପେଟ୍ରୋଲ-ଡିଜେଲର ମୂଲ୍ୟ ବୃଦ୍ଧିକୁ ନେଇ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ : ସୋମବାର ଦିନ ପୁଣିଥରେ ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ମାତ୍ର ୧୦ ଦିନ ମଧ୍ୟରେ ଏହା ଚତୁର୍ଥ ଥର ପାଇଁ ସରକାର ଇନ୍ଧନ ଦର ବୃଦ୍ଧି କରିଛନ୍ତି । ଏହି ଘଟଣା ମଧ୍ୟରେ, କଂଗ୍ରେସ ଏମପି ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ବିବୃତ୍ତି ଜାରି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କ ଉପରେ ବର୍ଦ୍ଧିତ ମୂଲ୍ୟ ବୃଦ୍ଧି ନେଇ କଠୋର ଆକ୍ରମଣ କରିଛନ୍ତି । ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, କିସ୍ତିରେ ଇନ୍ଧନ ମୂଲ୍ୟ ବୃଦ୍ଧି କରି ସରକାର ଚୁପଚାପ୍ ସାଧାରଣ ଲୋକଙ୍କ ପକେଟ ଲୁଟୁଛନ୍ତି। ରାହୁଲ ଗାନ୍ଧୀ ନିର୍ବାଚନ ସମାପ୍ତ ହେବା ପରେ ବାରମ୍ବାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରି ସରକାର ଗ୍ରାହକଙ୍କ ଉପରେ ବୋଝ ଲଦିବାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ଶେଷ ହେବା ମାତ୍ରେ ସରକାର ସାଧାରଣ ଲୋକଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ଲଦିବା ଆରମ୍ଭ କରିଛନ୍ତି ଏବଂ ସାଧାରଣ ଲୋକଙ୍କ ପ୍ରତିକ୍ରିୟାକୁ କମ କରିବା ପାଇଁ ପର୍ଯ୍ୟାୟକ୍ରମେ ଇନ୍ଧନ ମୂଲ୍ୟ ବୃଦ୍ଧି କରାଯାଉଛି।

# ବିନାଶକାରୀ ସୁପର ଏଲ୍ ନିନୋର ପ୍ରଭାବ କେଉଁଠି ମରୁଡ଼ି ଓ କେଉଁଠି ଭୀଷଣ ବର୍ଷା ...




ନୂଆଦିଲ୍ଲୀ : ବିନାଶକାରୀ ସୁପର ଏଲ୍ ନିନୋ। ପ୍ରଭାବରେ ମାଡ଼ି ଆସିବ ଭୟଙ୍କର ମରୁଡ଼ି। ଲମ୍ବା ଅବଧି ଚାଲିବ ଗ୍ରୀଷ୍ମ ପ୍ରବାହ। ସ୍ଥିତି ଏମିତି ହେବ ଯେ, ଦୁର୍ବଳ ହୋଇଯିବ ମୌସୁମୀ। ଅନେକ ସ୍ଥାନରେ ଦେଖାଯିବ ମରୁଡ଼ି। ତାପମାତ୍ରା ଦେଢ଼ଶହ ବର୍ଷର ଭାଙ୍ଗିବ ରେକର୍ଡ। ସମ୍ଭାବ୍ୟ ଏଲ-ନିନୋକୁ ନେଇ ଏଭଳି ସତର୍କ କରାଇଛନ୍ତି ପାଣିପାଗ ବିଜ୍ଞାନୀ। ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଘଟଣା। ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗ ସମୁଦ୍ର ପାଣି ସ୍ୱାଭାବିକଠାରୁ ଅଧିକ ଗରମ ହେବା ସ୍ଥିତିରେ ଏହା ହୋଇଥାଏ। ସମୁଦ୍ର ତାପମାତ୍ରାରେ ଏହି ପରିବର୍ତ୍ତନ ବିଶ୍ୱବ୍ୟାପୀ ବାୟୁ ଓ ପାଣିପାଗ ପଦ୍ଧତିକୁ ପ୍ରଭାବିତ କରିଥାଏ। ଏହାଯୋଗୁ ଅନେକ ଦେଶରେ ପାଣିପାଗ ଅଚାନକ ବଦଳିଯାଏ। କେଉଁଠି ମରୁଡ଼ି ଓ କେଉଁଠି ଭୀଷଣ ବର୍ଷା ଏବଂ ବନ୍ୟା ସ୍ଥିତି ଉପୁଜେ। ତାପମାତ୍ରା କଥା କହିଲେ ଉତ୍ତର ପ୍ରଦେଶରେ ୪୭ ଡିଗ୍ରୀ ପାର୍ । ସିଝୁଛି ମଧ୍ୟପ୍ରଦେଶ ଓ ରାଜସ୍ଥାନ ସମେତ ୧୧ ରାଜ୍ୟ । ତେବେ ତାତିର ଏହି ଭୟାନକ ରୂପରେ ଦେଶବାସୀ ଛଟପଟ ହେବେ ବୋଲି ଆଶଙ୍କା କରାଯାଉଛି। ବିଶ୍ୱବ୍ୟାପୀ ବିଜ୍ଞାନୀମାନେ ସମ୍ଭାବ୍ୟ ’ସୁପର ଏଲ୍ ନିନୋ’କୁ ନେଇ ବର୍ତ୍ତମାନ ଖୁବ୍ ଚିନ୍ତିତ । ପ୍ରାରମ୍ଭିକ ସଙ୍କେତ ଦର୍ଶାଉଛି ଯେ ସୁପର ଏଲ୍ ନିନୋ ଦ୍ରୁତ ଗତିରେ ବଳ ଗୋଟାଉଛି। ଏହା ବିଗତ କେଇ ଦଶନ୍ଧିର ସବୁଠୁ ଶକ୍ତିଶାଳୀ ଏଲ୍ ନିନୋରେ ପରିଣତ ହେବ । ବୈଜ୍ଞାନିକଙ୍କ ମତ ଯେ ଯଦି ସୁପର ଏଲ୍ ନିନୋ ସୃଷ୍ଟି ହୁଏ, ତେବେ ଏହାର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିପାରେ। ବର୍ତ୍ତିବନି ଭାରତ। ମୌସୁମୀ ଦୁର୍ବଳ ହୋଇଯିବ । ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡ଼ି ସ୍ଥିତି ଉପୁଜିବ। ଭୀଷଣ ଗରମ ଅନୁଭୂତ ହେବ । ଦୀର୍ଘଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଚାଷବାସ ସବୁ ନଷ୍ଟ ହୋଇଯିବ।

ଏଲ୍ ନିନୋର ପ୍ରଭାବ ସାଧାରଣତଃ ଦକ୍ଷିଣ ଆମେରିକା ନିକଟ ପ୍ରଶାନ୍ତ ମହାସାଗରରେ ଆରମ୍ଭ ହୋଇଥାଏ । କିନ୍ତୁ ଏହାର ପ୍ରଭାବ ହଜାର ହଜାର କିଲୋମିଟର ଦୂର ଭାରତ ପର୍ଯ୍ୟନ୍ତ ପହଞ୍ଚିଥାଏ । ସ୍ୱାଭାବିକ ସ୍ଥିତିରେ ଦକ୍ଷିଣ ଆମେରିକା ନିକଟ ସମୁଦ୍ର ପାଣି ଥଣ୍ଡା ରହିଥାଏ, ଯେବେ କି ଇଣ୍ଡୋନେସିଆ ଓ ଫିଲିପାଇନ୍ସ ପଟେ ପାଣି ଅଧିକ ଗରମ ହୋଇଥାଏ । ବର୍ତ୍ତମାନ ପୂର୍ବରୁ ପଶ୍ଚିମମୁହାଁ ବାୟୁ ଏହି ଗରମ ପାଣିକୁ ଏସିଆ ଆଡ଼କୁ ଠେଲିବାରେ ଲାଗିଛି । ଏହାଦ୍ୱାରା ଏସିଆପଟେ ଗରମ ପାଣି ଜମା ହେବାରେ ଲାଗିଛି ।

ଭାରତରେ ମୌସୁମୀ ମୁଖ୍ୟତଃ ଆରବସାଗର ଏବଂ ଭାରତ ମହାସାଗରରୁ ଆସୁଥିବା ଥଣ୍ଡା ବାୟୁ ଉପରେ ନିର୍ଭରଶୀଳ। କିନ୍ତୁ ଏଲ୍ ନିନୋ ବେଳେ ବାୟୁର ପାଟର୍ଣ୍ଣ ବଦଳିଯାଏ । ଯାହାଦ୍ୱାରା ଭାରତରେ ସ୍ୱଳ୍ପ ବାଦଲ ସୃଷ୍ଟି ହୁଏ ଏବଂ ବର୍ଷା ପରିମାଣ କମିଯାଏ । ଏପ୍ରିଲ, ମେ ଏବଂ ଜୁନ୍‌ରେ ଯେତେବେଳେ ଆକାଶ ପରିଷ୍କାର ଥାଏ, ସୂର୍ଯ୍ୟଙ୍କ କିରଣ ସିଧାସଳଖ ଭୂମି ଉପରେ ପଡ଼ିଥାଏ । ଏହାଦ୍ୱାରା ଭୂପୃଷ୍ଠ ଦ୍ରୁତ ଗତିରେ ଉତ୍ତପ୍ତ ହୋଇଥାଏ । ଫଳରେ ଉତ୍ତର ଭାରତ, ମଧ୍ୟ ଭାରତ, ରାଜସ୍ଥାନ, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶ ଭଳି ଅଞ୍ଚଳରେ ଭୀଷଣ ଗରମ ଅନୁଭୂତ ହୋଇଥାଏ । ଏହା ପୂର୍ବରୁ ୨୦୧୭ରେ ଶକ୍ତିଶାଳୀ ଏଲ୍ ନିନୋ କାରଣରୁ ଭାରତର ଅନେକ ସହରରେ ତାପମାତ୍ରା ୪୫ରୁ ୪୮ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଥିଲା । ବିଶେଷଜ୍ଞଙ୍କ ଅନୁସାରେ, ଏ ବର୍ଷ ଏଲ୍ ନିନୋ ନେବ ଆହୁରି ଅଧିକ ବିନାଶକାରୀ ରୂପ । ଏହାକୁ ’ସୁପର ଏଲ୍ ନିନୋ’ କୁହାଯିବ । ଯେତେବେଳେ ମଧ୍ୟ-ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକଠାରୁ ୨ଡିଗ୍ରୀ ସେଲସିୟସ ବା ତା’ଠାରୁ ଅଧିକ ବଢ଼ିଯାଏ, ତାହାକୁ ’ସୁପର ଏଲ୍ ନିନୋ’ କୁହାଯାଏ । ତେବେ ମଧ୍ୟ-ପ୍ରଶାନ୍ତ ମହାସାଗରର ତାପମାତ୍ରା ପୂର୍ବରୁ ହିଁ ପ୍ରାୟ +୦.୯ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚି ସାରିଛି ଏବଂ ସମୁଦ୍ର ଭିତରେ ବଡ଼ ମାତ୍ରାରେ ଗରମ ପାଣି ଜମା ହେବାରେ ଲାଗିଛି । ୧୯୫୦ ପରେ ସୁପର ଏଲ୍-ନିନୋ ଭଳି ସ୍ଥିତି ବହୁତ କମ୍ ଥର ଦେଖିବାକୁ ମିଳିଛି । ୧୯୮୨, ୧୯୯୭ ଏବଂ ୨୦୧୫ରେ ସୁପର ଏଲ୍ ନିନୋର ପ୍ରଭାବ ଦେଖିବାକୁ ମିଳିଥିଲା । କିନ୍ତୁ ଏଥର ଚିନ୍ତାର କାରଣ ପ୍ରଶାନ୍ତ ମହାସାଗର ପାଣି ଦ୍ରୁତ ଗତିରେ ଗରମ ହେବାକୁ ଲାଗିଛି । ପୂର୍ବରୁ ହିଁ ବିଶ୍ୱ ତାପନ ଯୋଗୁ ସମଗ୍ର ପୃଥିବୀ ଉତ୍ତପ୍ତ ହେବାରେ ଲାଗିଛି । ଏଭଳି ସ୍ଥିତିରେ ଯଦି ସୁପର ଏଲ୍ ନିନୋ ଆସେ, ତେବେ ତାହାର ପ୍ରଭାବ ଆହୁରି ଭୟଙ୍କର ପାଲଟିବ । ଏଲ୍ ନିନୋକୁ ନେଇ ନେଇ ବଡ଼ ସୂଚନା ଦେଇଛନ୍ତି ଓଗଉ ଡଏ ମୃତ୍ୟୁଞ୍ଜୟ ମହାପାତ୍ର। ଏଲ ନିନୋ ନ୍ୟୁଟ୍ରାଲ ସ୍ଥିତିରେ ରହିଛି। ଜୁନରୁ ସେପ୍ଟେମ୍ବର ଏଲନିନୋ ହେବାର ସମ୍ଭାବନା ରହିଛି। ମୌସୁମୀ ବାୟୁକୁ ପ୍ରଭାବିତ କରେ ଏଲ-ନିନୋ। ପ୍ଲସ ମାଇନସ ୯୦ ପ୍ରତିଶତ କମ୍ ବର୍ଷା ହେବ ବୋଲି ସେ କହିଛନ୍ତି।

# ଅଧାରୁ ପଡ଼ିଆ ଛାଡ଼ିଲେ ମେସି



ମାୟାମି, ୨୫।୫: ଫୁଟ୍‌ବଲ ବିଶ୍ୱକପ୍‌କୁ ଆଉ ଅଳ୍ପ କିଛି ଦିନ ଥିବାବେଳେ ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟ୍‌ବଲ ତାରକା ଲିଓଲେନ୍ ମେସି ଆହତ ହେବା ନେଇ ଚିନ୍ତା ପ୍ରକାଶ ପାଇଛି। ରବିବାର ମାୟାମିଠାରେ ଅନୁଷ୍ଠିତ ଇଣ୍ଟର୍ ମାୟାମି-ଫିଲାଡେଲ୍‌ଫିଆ ୟୁନିଅନ୍ ମ୍ୟାଚ୍‌ରେ ସେ ଆହତ ଜନିତ କାରଣରୁ ଅଧାରୁ ପଡ଼ିଆ ଛାଡ଼ିଥିଲେ। ପଡ଼ିଆ ଛାଡ଼ିବା ସମୟରେ ତାଙ୍କ ବାମ ଗୋଡ଼ରେ ସେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ମେସିଙ୍କ ଦଳ ଇଣ୍ଟର୍ ମାୟାମି ୬-୪ରେ ବିଜୟ ହାସଲ କରିଥିଲେ ବି ମେସିଙ୍କ ଏପରି ଅଧାରୁ ପଡ଼ିଆ ଛାଡ଼ିବା କେବଳ ଆର୍ଜେଣ୍ଟିନା ନୁହେଁ ସମଗ୍ର ବିଶ୍ୱର ଫୁଟ୍‌ବଲପ୍ରେମୀଙ୍କୁ ଚିନ୍ତିତ କରିଛି। ତେବେ ମେସିଙ୍କ ଆହତ କେତେ ଗୁରୁତର ସେ ନେଇ ଏପର୍ଯ୍ୟନ୍ତ ଇଣ୍ଟର୍ ମାୟାମି କିମ୍ବା ଆର୍ଜେଣ୍ଟିନା ଦଳ ପକ୍ଷରୁ କୌଣସି ସୂଚନା ମିଳିନାହିଁ। କିନ୍ତୁ ସେ ବିଗତ କିଛି ସପ୍ତାହ ହେଲା ନିଜର ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ଇଣ୍ଟର୍ ମାୟାମିର କେତେକ ମ୍ୟାଚ୍ ଖେଳିପାରିନଥିଲେ। ବିଶ୍ୱଚାମ୍ପିଅନ୍ ଆର୍ଜେଣ୍ଟିନା ପକ୍ଷରୁ ଆସନ୍ତା ସପ୍ତାହରେ ବିଶ୍ୱକପ୍ ପାଇଁ ଦଳ ଘୋଷଣା ହେବାକୁ ଥିବାବେଳେ ମେସି ଆହତ ହେବା ଚିନ୍ତାର କାରଣ ହୋଇଛି।

# ଆଜିଠୁ ପ୍ଲେ ଅଫ୍ : ଜିଟି-ଆରସିବି କ୍ୱାଲିଫାୟାର

ନୂଆଦିଲ୍ଲୀ, ୨୫।୫: ଚଳିତବର୍ଷ ଆଇପିଏଲ ୨୦୨୬ର ପ୍ଲେଅଫରେ ୪ ଟିମ ନିଜର ସ୍ଥାନ ପକ୍କା କରିଛନ୍ତି। ମଙ୍ଗଳବାର ଗୁଜୁରାଟ ଏବଂ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ କ୍ୱାଲିଫାୟାର ମୁକାବିଲା ଖେଳାଯିବ। ଏହାସହ ବୁଧବାର ରାଜସ୍ଥାନ ଏବଂ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ ଏଲିମିନେଟର ମୁକାବିଲା। ପ୍ରଥମ କ୍ୱାଲିଫାୟାର ମୁକାବିଲା ଯେଉଁ ଦଳ ଜିତିବ ସେହି ଦଳ ସିଧା ଫାଇନାଲରେ ପହଞ୍ଚିବ। ହାରିବା ଦଳ ପାଇଁ ଗୋଟିଏ ସୁଯୋଗ ରହିବ। ଏଲିମିନେଟର ମୁକାବିଲାରେ ଜିତିବା ଦଳକୁ ଭେଟିବ। ତେବେ ଗୁଜୁରାଟ ଏବଂ ବେଙ୍ଗାଲୁରୁ ମୁକାବିଲା ଯଦି ବର୍ଷା ପାଇଁ ବାତିଲ୍ ହୁଏ ତାହେଲେ କେଉଁ ଦଳ ଫାଇନାଲରେ ପହଞ୍ଚିବ।



ଆଇପିଏଲର କ୍ୱାଲିଫାୟାରରେ କୌଣସି ରିଜର୍ଭ ଡେ' ନାହିଁ। ଏଣୁ ସେହିଦିନ ଯଦି ବର୍ଷା ହୁଏ ତାହେଲେ ମ୍ୟାଚ୍ ବିଳମ୍ବରେ କରାଯିବ। ଏହାସହ ଅତି କମରେ ୫ ଓଭର ଖେଳାଯିବାର ବ୍ୟବସ୍ଥା ରହିଛି। ମାତ୍ର ଏହା ଯଦି ସମ୍ଭବ ନହୁଏ ତାହେଲେ ପଏଣ୍ଟ ଟେବୁଲକୁ ବିଚାରକୁ ନିଆଯିବ। ଏବେ ଆରସିବି ଟପରେ ଥିବାବେଳେ ଯଦି ବର୍ଷା ହୁଏ ତାହେଲେ ମ୍ୟାଚ୍ ନଖେଳି ସିଧା ଫାଇନାଲରେ ପହଞ୍ଚି ଯିବ। ଗୁଜୁରାଟକୁ ପରବର୍ତ୍ତୀ ମ୍ୟାଚ ପାଇଁ ଅପେକ୍ଷା କରିବାକୁ ପଡ଼ିବ।

ସେପଟେ ଆରସିବି ଏବଂ ଗୁଜୁରାଟର ହେଡ ଟୁ ହେଡ ରେକର୍ଡକୁ ନଜର ପକାଇବା ତାହେଲେ ଉଭୟ ଦଳ ୮ଟି ମୁକାବିଲାରେ ସାମ୍ନାସାମ୍ନି ହୋଇଛନ୍ତି। ସମାନ ସଂଖ୍ୟକ ୪-୪ ଜିତିଛନ୍ତି। ତେଣୁ ଉଭୟଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି। ତେବେ ବର୍ଷା ହେବାର କେଣସି ସମ୍ଭାବନା ନଥିବା ଅନୁମାନ କରାଯାଉଛି।

ଏହା ପୂର୍ବରୁ ଶେଷ ଥର ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୧୧ରେ ଟେବୁଲର ଶୀର୍ଷରେ ଥିଲା। ସେହିବର୍ଷ ଜଉଇ ଫାଇନାଲରେ ପହଞ୍ଚିଥିଲା କିନ୍ତୁ ଚେନ୍ନାଇ ସୁପର କିଙ୍ଗସ ହାତରୁ ପରାଜୟବରଣ କରିଥିଲେ। ଏହା ପୂର୍ବରୁ ବେଙ୍ଗାଲୁରୁ ୨୦୦୯ରେ ମଧ୍ୟ ଫାଇନାଲରେ ପହଞ୍ଚିଥିଲା। କିନ୍ତୁ ସେହି ସମୟରେ ମଧ୍ୟ ସେମାନେ ଡେକାନ ଚାର୍ଜର୍ସ ଦ୍ୱାରା ପରାସ୍ତ ହୋଇଥିଲେ। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ଶୀର୍ଷରେ କେବଳ ଦୁଇଥର ରହିଛି। ଏହି ସଫଳତା ୨୦୧୧ରେ ଡାନିଏଲ ଭେଟୋରୀଙ୍କ ଅଧିନାୟକତ୍ୱରେ ଏବଂ ୨୦୨୬ରେ ରଜତ ପାଟିଦାରଙ୍କ ଅଧିନାୟକତ୍ୱରେ ହାସଲ କରାଯାଇଥିଲା। ୨୦୧୬ ଏବଂ ୨୦୨୫ରେ, ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୬ରେ ଦଳ ଫାଇନାଲରେ ପହଞ୍ଚିଥିଲା କିନ୍ତୁ ସନରାଇଜର୍ସ ହାଇଦ୍ରାବାଦ ଦ୍ୱାରା ପରାସ୍ତ ହୋଇଥିଲା। ୨୦୨୫ରେ ଦଳ ପୁଣିଥରେ ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ଏଥର ସେମାନେ ସେମାନଙ୍କର ଲମ୍ବା ଟ୍ରଫି ମରୁଡ଼ିର ଅନ୍ତ ଘଟାଇଥିଲା। ପଞ୍ଜାବ କିଙ୍ଗସକୁ ପରାସ୍ତ କରି, ଦଳ ୧୮ ବର୍ଷ ପରେ ପ୍ରଥମ ଆରସିବି ଟାଇଟଲ ଜିତିଥିଲା।

# ପୂର୍ବତନ ରଣଜୀ ଖେଳାଳିଙ୍କ ମୃତ୍ୟୁ

ବେଙ୍ଗାଲୁରୁ, ୨୫।୫(ଏଜେନ୍ସି): କ୍ରିକେଟ ପଡିଆରୁ ଆସିଛି ଅତ୍ୟନ୍ତ ଦୁଃଖଦ ଖବର। ମ୍ୟାଚ ଖେଳିବା ବେଳେ ଚାଲି ଯାଇଛି ଜଣେ ଖେଳାଳିଙ୍କ ଜୀବନ। କର୍ଣ୍ଣାଟକା ପାଇଁ ରଣଜୀ ଟ୍ରଫି ଖେଳିଥିବା ଏସଏଲ ଅକ୍ଷୟ ହୃଦଘାତ ଯୋଗୁ ପଡିଆରେ ହିଁ ଆଖିବୁଜିଛନ୍ତି।

ବେଙ୍ଗାଲୁରୁରେ ୩୯ ବର୍ଷୀୟ ଅକ୍ଷୟ ଗୋଟିଏ ଲୋକାଲ ଡିଭିଜନ ମ୍ୟାଚ୍ ଖେଳୁଥିଲେ। ଏହି ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ଅକ୍ଷୟ ପ୍ରାଣ ହରାଇଥିବା ଡାକ୍ତରମାନେ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ କରିଛନ୍ତି।

କର୍ଣ୍ଣାଟକା ପାଇଁ ଏକାଧିକ ରଣଜୀ ଟ୍ରଫି ମ୍ୟାଚ ଖେଳିଥିବା ଅକ୍ଷୟଙ୍କୁ କର୍ଣ୍ଣାଟକା ପ୍ରିମିୟର ଲିଗରେ ମଧ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟସ୍ତରୀୟ କ୍ରିକେଟରୁ ଅବସର ନେଇ ସାରିଥିବା ଶିବମୋଗାର ଏହି ଖେଳାଳି ଏବେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଖେଳୁଥିଲେ। ଏହି କ୍ରମରେ ରବିବାର ତାଙ୍କୁ କେଆର ପୁରମ ଗ୍ରାଉଣ୍ଡରେ ଆୟୋଜିତ ଗୋଟିଏ ତୃତୀୟ ଡିଭିଜନ ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା।

ସେ ସାଫିରେ ସିସି ପାଇଁ ଭାରତ ସିସି ବିରୋଧରେ ଖେଳୁଥିଲେ। ଏହି ମ୍ୟାଚରେ ସେ ୪ ଓଭର ବୋଲିଂ ବି କରିଥିଲେ। କିନ୍ତୁ ୪ ଓଭର ବୋଲିଂ କରିବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ଛାତିରେ ଗଭୀର ଯନ୍ତ୍ରଣା ହୋଇଥିଲା। ସାଥୀ ଖେଳାଳି ଓ ଆୟୋଜକମାନେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।

ତାଙ୍କ ଅକସ୍ମାତ ମୃତ୍ୟୁ ବିଭିନ୍ନ ମହଲରେ ଶୋକ ଖେଳାଇ ଦେଇଛି। ଭାରତୀୟ ଟିମର ପୂର୍ବତନ ଖେଳାଳି ଡୋଡା ଗଣେଶ ଏକ୍ସରେ ଅକ୍ଷୟଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି। କର୍ଣ୍ଣାଟକା କ୍ରିକେଟ ଆସୋସିଏସନ ମଧ୍ୟ ଅକ୍ଷୟଙ୍କ ପାଇଁ ଶୋକ ପ୍ରକାଶ କରିଛି।



ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ଅକ୍ଷୟ କର୍ଣ୍ଣାଟକାକୁ ପ୍ରଥମ ଶ୍ରେଣୀ କ୍ରିକେଟରେ ପ୍ରତିନିଧିତ୍ୱ କରିଥିଲେ। ନିଜ ଖେଳ କ୍ୟାରିୟର ବ୍ୟତୀତ ସେ ଖେଳ ପ୍ରତି ଏବେ ବି ନିଜର ନିଷ୍ଠା ପ୍ରଦର୍ଶନ କରିଚାଲିଥିଲେ। ଜଣେ ଜୁନିୟର ଲେଭର କୋଚ ଭାବେ ସେ ଯୁବ କ୍ରିକେଟରଙ୍କ କ୍ୟାରିୟର ଗଢ଼ିବାକୁ ଚେଷ୍ଟା କରୁଥିଲେ। ସେ ରାଜ୍ୟର ଅନେକ ଦକ୍ଷ ଖେଳାଳିଙ୍କୁ ତିଆରି କରିଥିଲେ।

# ଲୋକେ କ୍ରିକେଟ୍‌କୁ ବୁଝନ୍ତି ନାହିଁ : ସୂର୍ଯ୍ୟ

ମୁମ୍ବାଇ ୨୫।୫(ଏଜେନ୍ସି): ତାଙ୍କୁ ନେଇ ଚାଲିଥିବା ବିଭିନ୍ନ ପ୍ରକାରର ଗୁଜବକୁ ଖାରଜ କରିଦେଇଛନ୍ତି ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ତାଙ୍କର ମଣିବନ୍ଧରେ ଆଘାତ ଲାଗିଛି ଓ ସେଥିପାଇଁ ସେ ଖେଳିପାରୁନାହାନ୍ତି ବୋଲି ହେଉଥିବା ଚର୍ଚ୍ଚାକୁ ଖାରଜ କରି ସେ କହିଛନ୍ତି ଯେ ''ଯେଉଁ ଲୋକ ଏପରି ଗୁଜବ ସୃଷ୍ଟି କରୁଛନ୍ତି ସେମାନେ ବୋଧହୁଏ ଫିଜିଓ ହୋଇଥିବା ଅଥବା କ୍ରିକେଟ୍‌କୁ ଆଦୌ ବୁଝୁନଥିବେ। କାରଣ ମୁଁ ଯେଉଁ ପ୍ରକାରର ସଟ୍ ଖେଳୁଛି



ସେଥିରେ ମଣିବନ୍ଧର ବେଶ ଗୁରୁତ୍ୱ ରହିଛି। ବିଶେଷକରି ଫ୍ଲିକ୍ ସଟ୍ ପାଇଁ ଆଖି-ହାତର ସମନ୍ୱୟ ଓ ମଣିବନ୍ଧର ବିଶେଷ ଗୁରୁତ୍ୱ ଅଛି। ଯଦି ସେଥିରେ ଆଘାତ ଲାଗିଛି ମୁଁ କିପରି ଖେଳୁଛି କିନ୍ତୁ ଯେଉଁମାନେ ଏପରି ଗୁଜବ ସୃଷ୍ଟି କରୁଛନ୍ତି ତାଙ୍କ ଉପରେ ମୋର କୌଣସି ପ୍ରକାରର ନିୟନ୍ତ୍ରଣ ନାହିଁ। ଏଣୁ ମୁଁ ତାହା ଉପରେ କୌଣସି ଗୁରୁତ୍ୱ ଦେଉନାହିଁ।'' ସେ ମଧ୍ୟ ଅଧିନାୟକ ପଦରୁ ହଟିବା ସଂପର୍କରେ ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି।

# ଭାରତର ଦ୍ରୁତତମ ଧାବକ ହେଲେ ଗୁରିନ୍ଦବୀର

ନୂଆଦିଲ୍ଲୀ, ୨୫।୫(ଏଜେନ୍ସି): ବିଶ୍ୱ ଦୌଡକୁଦ ଇଭେଣ୍ଟରେ ଭାରତ ପାରମ୍ପରିକ ଭାବେ ମେଡାଲ ହାସଲ କରିପାରେ ନାହିଁ। ବିଶେଷ କରି ଦୌଡ ଇଭେଣ୍ଟରେ ଭାରତ ପାଖରେ ସେମିତି କେହି ଖେଳାଳି ନଥିଲେ। ହେଲେ ଏହି ସମୟ ଖୁବଶୀଘ୍ର ବଦଳିପାରେ। କାରଣ ଏବେ ଭାରତକୁ ମିଳି ଯାଇଛନ୍ତି ଦେଶର ଆଉ ଜଣେ ଦ୍ରୁତତମ ଧାବକ। ପଞ୍ଜାବରେ ଜନ୍ମିତ ଗୁରିନ୍ଦବୀର ସିଂହ ୧୦୦ ମିଟର ସ୍ପ୍ରିଣ୍ଟରେ ଜାତୀୟ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ରାଞ୍ଚିରେ ଆୟୋଜିତ ଫେଡରେସନ କପରେ ସେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୂରତାକୁ ବେଶ ସହଜରେ ୧୦.୦୯ ସେକେଣ୍ଡରେ ପୂରଣ କରିଛନ୍ତି। ଗ୍ଲାସଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡାକୁ ଯୋଗ୍ୟତା ଅର୍ଜନ ପାଇଁ ଆଥଲେଟିକ୍ସ ଫେଡରେସନ ଅଫ ଇଣ୍ଡିଆ ୧୦.୧୬ ସେକେଣ୍ଡ ଟାଇମିଂ ଧାର୍ଯ୍ୟ କରିଥିଲା। କିନ୍ତୁ ଏହା ଠାରୁ ଯଥେଷ୍ଟ ଭଲ ଟାଇମିଂରେ ଗୁରିନ୍ଦବୀର ଏହି ରେସକୁ ଶେଷ କରିଛନ୍ତି।

ସେ ରାଜ୍ୟ ଗୋଷ୍ଠୀ କ୍ରୀଡା ସହ ୨୦୨୬ ଜାପାନରେ ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସ ପାଇଁ ମଧ୍ୟ ଟିକେଟ ହାସଲ କରି ନେଇଛନ୍ତି। ଗୁରିନ୍ଦରବୀରଙ୍କ ପୂର୍ବରୁ ଜାତୀୟ ରେକର୍ଡ ଅନିମେଶ କୁଜୁରଙ୍କ ନାଁରେ ଥିଲା। ସେ ସମାନ ପ୍ରତିଯୋଗିତାରେ ୧୦୦ ମିଟିର ଦୂରତାକୁ ୧୦.୧୫ ସେକେଣ୍ଡରେ ପୂରଣ କରିଥିଲେ। କିନ୍ତୁ ଏବେ ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ବନି ଯାଇଛନ୍ତି। ପଞ୍ଜାବରେ ବଡ ହୋଇଥିବା ଗୁରିନ୍ଦରବୀର ସିଂହଙ୍କ ବାପା ଜଣେ



ଅବସରପ୍ରାପ୍ତ ପୁଲିସ୍ କନଷ୍ଟେବଲ। ତାଙ୍କ ନାଁ କମଲଜିତ ସିଂହ। କମଲଜିତ ସିଂହ ଜଣେ ଜାତୀୟସ୍ତରର ଭଲିବଲ ଖେଳାଳି। ବାପାଙ୍କ ଠାରୁ ଅନୁପ୍ରାଣିତ ହୋଇ କ୍ରୀଡା କ୍ଷେତ୍ରରେ ଗୁରିନ୍ଦରବୀର ସିଂହ ମନବଳାଇଥିଲେ। ସେ ପିଲାଟି ବେଳୁ ଦୌଡିବାକୁ ଭଲ ପାଉଥିଲେ ହେଁ ଅନେକ ସମୟରେ ତାଙ୍କୁ କଟାକ୍ଷର ସାମ୍ନା କରିବାକୁ ପଡୁଥିଲା। ଭାରତ ପାଖରେ ୧୦୦ ମିଟର ସ୍ପ୍ରିଣ୍ଟର ଜିନ ନଥିବା ସମସ୍ତେ କହୁଥିଲେ। ହେଲେ ସେ ଏବେ ୧୦.୦୯ ସେକେଣ୍ଡରେ ୧୦୦ ମିଟର ଦୌଡ ପୂରଣ କରି ସମସ୍ତଙ୍କ ମୁହଁ ବନ୍ଦ କରି ଦେଇଛନ୍ତି। ଏଥିସହ ଭାରତକୁ ବିଶ୍ୱ ମଞ୍ଚରେ ଗୌରାବନ୍ୱିତ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ରିଲାଏନ୍ସ ପାଉଣ୍ଡେସନରେ କୋଚ ଜେମନ୍ସ ହିଲ୍ଲେରଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଥିବା ଗୁରିନ୍ଦରବୀର ସିଂହ ୬୦ ମିଟରରେ ମଧ୍ୟ ଜାତୀୟ ରେକର୍ଡକୁ ନିଜ ନାଁରେ ରଖିଛନ୍ତି। ସେ ୬.୬୦ ସେକେଣ୍ଡରେ ଏହି ଦୂରତାକୁ ଅତିକ୍ରମ କରିଥିଲେ।

୨୦୨୫ରେ ୪ ଗୁଣା ୧୦୦ ମିଟର ରିଲେ ଟିମରେ ମଧ୍ୟ ସେ ରହିଥିଲେ। ୪ ଗୁଣା ୧୦୦ ମିଟର ରିଲେକୁ ଗୁରିନ୍ଦରବୀର ସିଂହଙ୍କ ଟିମ ୩୮.୬୯ ସେକେଣ୍ଡରେ ଶେଷ କରି ରେକର୍ଡ ସୃଷ୍ଟି କରିଛି। ଏହାପୂର୍ବରୁ ୨୦୨୪ ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସରେ ଗୁରିନ୍ଦରବୀର ସିଂହ ୧୦୦ ମିଟର ଦୂରତାକୁ ୧୦.୨୦ ସେକେଣ୍ଡରେ ଅତିକ୍ରମ କରିଥିଲେ।

ଗୁରିନ୍ଦରବୀର ସିଂହଙ୍କ ବାପା କମଲଜିତ ପଞ୍ଜାବ ଓ ପଞ୍ଜାବ ପୁଲିସ ପାଇଁ ଭଲିବଲ ଖେଳିଥିଲେ। ହେଲେ ଦେଶ ପାଇଁ ମେଡାଲ ଜିତିବା ସ୍ୱପ୍ନ ତାଙ୍କର ପୂରଣ ହୋଇ ନଥିଲା। ଏବେ ତାଙ୍କ ଅଧୂରା ସ୍ୱପ୍ନକୁ ସେ ଗୁରିନ୍ଦରବୀରଙ୍କ ଜରିଆରେ ସାକାର କରିବାକୁ ଚାହୁଁଛନ୍ତି।

# ହେଡ୍‌ଙ୍କ ପରିବାରକୁ ମିଳୁଛି ଧମକ

ନୂଆଦିଲ୍ଲୀ: ପଡ଼ିଆରେ ଟ୍ରାଭିସ୍ ହେଡ୍ ଓ ବିରାଟ କୋହଲି ମଧ୍ୟରେ ହୋଇଥିବା ବଚସା ଓ ହାଣ୍ଡସେକ୍ ଘଟଣାକୁ ନେଇ ବିବାଦ କମିବାର ନାଁ ଧରୁ ନାହିଁ। ଏହି ଘଟଣାକୁ ଉଭୟ ଖେଳାଳି ଭୁଲିଯିବାକୁ ଚେଷ୍ଟା କରୁଥିବାବେଳେ ପ୍ରଶଂସକମାନେ ଭୁଲିପାରୁନାହାନ୍ତି।



ଟ୍ରାଭିସ୍‌ଙ୍କ ପତ୍ନୀ ଜେସିକା ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଓ ତାଙ୍କ ପରିବାରକୁ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର ଧମକ ଓ ଅସଭ୍ୟ ଭାଷାରେ ଗାଳି ଦିଆଯାଉଛି। ଏପରିକି ତାଙ୍କ ବନ୍ଧୁବାନ୍ଧବମାନଙ୍କୁ ବି ଗାଳି ଦିଆଯାଉଛି।

ଏହି ଘଟଣା ତାଙ୍କୁ ପୁଣି ଥରେ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍ କଥା ମନେ ପକାଇ ଦେଇଛି ବୋଲି ସେ କହିଛନ୍ତି। ସେତେବେଳେ ତାଙ୍କ ପରିବାରକୁ ଯେପରି ଗାଳି ମିଳିଥିଲା ଏବେ ସେପରି ଗାଳି ଓ ଧମକ ମିଳୁଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ଓ ୨୦୨୪ ବକ୍ସିଂ ଡେ' ଟେଷ୍ଟ ପରେ ବି ସୋସିଆଲ୍ ମିଡିଆରେ ସମାନ ପ୍ରକାରର ଗାଳି ମିଳିଥିଲା। ତେବେ ତାଙ୍କୁ ଗାଳିଦେବା ଠିକ୍ ଅଛି, କିନ୍ତୁ ତାଙ୍କ ବନ୍ଧୁବାନ୍ଧବଙ୍କୁ ଏପରି ଗାଳି ଦେବା ଠିକ୍ ନୁହେଁ। ଏପରିକି ତାଙ୍କ ଛୋଟ ଝିଅକୁ ବି ଧମକ ଦିଆଯାଉଛି ବୋଲି ସେ କହିଛନ୍ତି। ସୋସିଆଲ୍ ମିଡିଆରେ ଖେଳାଳିଙ୍କ ପରିବାର ପ୍ରତି ସମ୍ମାନର ସହ ଆଚରଣ କରିବାକୁ ସେ ନିବେଦନ କରିଛନ୍ତି।

# ହାର୍ଦ୍ଦିକଙ୍କ ନେତୃତ୍ୱକୁ ନେଇ ଉଠିଲା ପ୍ରଶ୍ନ



ମୁମ୍ବାଇ: ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ଏଥର ପଏଣ୍ଟ୍ ଟେବୁଲର ନବମ ସ୍ଥାନରେ ରହିବା ପରେ ଅଧିନାୟକ ହାର୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ନେତୃତ୍ୱରେ ଦଳ କେବଳ ନୈରାଶ୍ୟଜନକ ପ୍ରଦର୍ଶନ କରିନାହିଁ, ତାଙ୍କର ବ୍ୟକ୍ତିଗତ ପ୍ରଦର୍ଶନ ବି ଆଶାନୁରୂପ ରହିନାହିଁ। ଏହାକୁ ନେଇ ଦଳର ବ୍ୟାଟିଂ ପ୍ରଶିକ୍ଷକ କେରନ୍ ପୋଲାର୍ଡ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ଦଳ ପରିଚାଳନାର ଜଣେ ସଦସ୍ୟ ରୂପେ ମୁଁ କହିବି ଯେ ହାର୍ଦିକଙ୍କୁ ସର୍ବୋତ୍ତମ ସୁଯୋଗ ଦିଆଯାଇଥିଲା ଓ ଆମେ ସବୁକିଛି ଉଦ୍ୟମ କରିଥିଲୁ, କିନ୍ତୁ ତାଙ୍କର ନେତୃତ୍ୱ ଠିକ୍ ରହିଲା ନାହିଁ। ଏହି ବିଫଳତା କୌଣସି ଜଣେ ବ୍ୟକ୍ତିଙ୍କର ନୁହେଁ, ବରଂ ସମଗ୍ର ଦଳର ସାମୁହିକ ବିଫଳତା। ପାଣ୍ଡ୍ୟାଙ୍କ ସମେତ ସମସ୍ତେ ଉଦ୍ୟମ କରିଥିଲେ, କିନ୍ତୁ ତାହା ଠିକ୍ କାମ କଲା ନାହିଁ''। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ମୁମ୍ବାଇ ଇଣ୍ଡିଆନ୍ସ ତରବର ହୋଇ କୌଣସି ପରିବର୍ତ୍ତନ କରିବ ନାହିଁ, କିନ୍ତୁ କେତେକ କ୍ଷେତ୍ର ଉପରେ ବିଚାରବିମର୍ଷ କରିବା ଜରୁରୀ ହୋଇପଡ଼ିଛି, ଯେ ଦଳ କାହିଁକି ଗତବର୍ଷର ତୃତୀୟ ସ୍ଥାନରୁ ଏଥର ନବମ ସ୍ଥାନକୁ ଖସିଆସିଲା।

# ଶେଷ ମ୍ୟାଚରେ ଦିଲ୍ଲୀର ବିଜୟ

କୋଲକାତା: ଆଇପିଏଲ୍ ୨୦୨୬ର ଶେଷ ତଥା ୭୦ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ଦିଲ୍ଲୀ କ୍ୟାପିଟାଲ୍ସ ୪୦ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୨୦ ଓଭରରେ ୫ ୱିକେଟ୍ ହରାଇ ୨୦୩ ରନ କରିଥିଲା। ଟାର୍ଗେଟର ପିଛା କରି କୋଲକାତା ୧୮.୪ ଓଭରରେ ୧୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଦିଲ୍ଲୀ ପାଇଁ ଲୁଙ୍ଗି ଏନଗିଡି ଏବଂ କୁଲଦୀପ ଯାଦବ ପ୍ରତ୍ୟେକେ ତିନୋଟି ୱିକେଟ୍ ନେଇଥିଲେ। ଏହା ଉଲ୍ଲେଖନୀୟ ଯେ ଏହି ମ୍ୟାଚ୍ ପ୍ଲେଅଫ୍ ଦୃଷ୍ଟିରୁ ଅପ୍ରାସଙ୍ଗିକ ଥିଲା। କାରଣ ଉଭୟ ଦଳ ପୂର୍ବରୁ ବାଦ ପଡ଼ିଥିଲେ। ପ୍ଲେଅଫ୍ ମ୍ୟାଚ୍ ଏବେ ମେ ୨୬ ତାରିଖରେ ଆରମ୍ଭ ହେବ।

ଇଡେନ ଗାର୍ଡେନ୍ସରେ ଟସ୍ ଜିଣ କୋଲକାତା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଦିଲ୍ଲୀକୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିଥିଲା। ଅକ୍ଷର ପଟେଲଙ୍କ ନେତୃତ୍ୱରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା।

ଦିଲ୍ଲୀର ବ୍ୟାଟିଂ ଅଭିଷେକ ପାରୋଲ ଏବଂ କେଏଲ ରାହୁଲ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୪୦ ରନ୍‌ର ଭାଗିଦାରୀ କରିଥିଲେ। ଅଭିଷେକ ଏଥିରୁ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ। ସେ ୧୮ଟି ବଲ୍ ଖେଳି ୪ଟି ଚେକା ମାରିଥିଲେ। କୋଲକାତାର ଦ୍ୱିତୀୟ ଶିକାର ହୋଇଥିଲେ ସାହିଲ ପ୍ରକାଶ, ଯିଏକି ବ୍ୟକ୍ତିଗତ ଭାବେ ୧୭ଟି ବଲ୍ ଖେଳି ୩ଟି ଚେକା ଏବଂ ଗୋଟିଏ ଛକା ବଳରେ ୨୪ ରନ୍ କରିଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ ନିଜର ତୃତୀୟ ୱିକେଟ ଭାବେ କେଏଲ୍ ରାହୁଲଙ୍କୁ ହରାଇଥିଲା। ପାଇଁ କେଏଲ୍ ରାହୁଲ ସର୍ବାଧିକ ବ୍ୟକ୍ତିଗତ



ସ୍କୋର କରିଥିଲେ। ସେ ୩୦ଟି ବଲ୍ ଖେଳି ୫ଟି ଚେକା ଏବଂ ୪ଟି ଛକା ବଳରେ ୬୦ ରନ୍ କରିଥିଲେ। ଅକ୍ଷର ପଟେଲ ଆଉଟ ହେବା ପୂର୍ବରୁ ୩୯ ରନ୍‌ର ଯୋଗଦାନ ଦେଇଥିଲେ। ସେ ୨୫ଟି ବଲ୍ ଖେଳି ୩ଟି ଚେକା ଏବଂ ୨ଟି ଛକା ମାରିଥିଲେ। ଡେଭିଡ ମିଲର ୧୯ଟି ବଲ୍ ଖେଳି ୩ଟି ଛକା ସହାୟତାରେ ୨୮ ରନ୍ ଏବଂ ଆଶୁତୋଷ ଶର୍ମା ୧୧ଟି ବଲ୍‌ରୁ ୨ଟି ଚେକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ କରିଥିଲେ। କୋଲକାତା ପାଇଁ ସୌରଭ ଦୁବେ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ। ଅନୁକୂଳ ରୟ, ସୁନୀଲ ନାରାୟଣ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।



# ମେକ୍ସିକୋକୁ ନିଜର ଅଭ୍ୟାସ ଶିବିରକୁ ଘୁଞ୍ଚାଇବ ଇରାନ

ତେହେରାନ୍, ୨୫/୫: ଆମେରିକାର ଆରିଜୋନାରୁ ମେକ୍ସିକୋର ତିଜୁଆନାକୁ ନିଜର ଅଭ୍ୟାସ ଶିବିରକୁ ଘୁଞ୍ଚାଇବ ଇରାନ୍। ଏ ନେଇ ଇରାନର ପ୍ରସ୍ତାବକୁ ଫିଫା ପକ୍ଷରୁ ଅନୁମତି ଦିଆଯାଇଛି। ଲଜିଷ୍ଟିକ୍ସ, ଭିସା ପ୍ରକ୍ରିୟାରେ ସୁବିଧା କାରଣରୁ ମେକ୍ସିକୋକୁ ଶିବିରକୁ ନିଆଯାଇଥିବା ଇରାନ ପକ୍ଷରୁ କୁହାଯାଇଥିଲେ ବି ମଧ୍ୟପୂର୍ବରେ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଥିବା ମନେକରାଯାଉଛି। ଇରାନ ଫୁଟ୍‌ବଲ ମହାସଂଘର ମୁଖ୍ୟ ମେହଦି ତାଜ୍ କହିଛନ୍ତି ଯେ ନିକଟରେ ଇସ୍ତାନବୁଲ୍ ଓ ପରେ ତେହେରାନ୍‌ରେ ଏକ ଭର୍ଚୁଆଲ ବୈଠକ ପରେ ଫିଫା ପକ୍ଷରୁ ଏହି ଅନୁମତି ଦିଆଯାଇଛି। ପୂର୍ବରୁ ଇରାନ୍ ପକ୍ଷରୁ ଆମେରିକାର ଆରିଜୋନା ସ୍ଥିତ ଟକ୍‌ସନରେ ନିଜର ଅଭ୍ୟାସ ଶିବିର ସ୍ଥାପନ କରାଯିବାର ଥିଲା। କିନ୍ତୁ ଏବେ ଇରାନ ମେକ୍ସିକୋର ତିଜୁଆନାରୁ ନିଜର ବିଶ୍ୱକପ୍ ଅଭିଯାନକୁ ପରିଚାଳନା କରିବ। ସୂଚନାଯୋଗ୍ୟ ଯେ ଜୁନ ୧୧ରୁ ଆରମ୍ଭ ହେଉଥିବା ଫୁଟ୍‌ବଲ ବିଶ୍ୱକପ୍ ମେକ୍ସିକୋ, ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡା ପକ୍ଷରୁ ଆୟୋଜନ କରାଯାଉଛି। ଇରାନ ନିଜର ପ୍ରଥମ ମ୍ୟାଚ୍ ଜୁନ ୧୬ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍‌ସର ଇଙ୍ଗଲଉଡ୍‌ରେ ଖେଳାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k